


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008





କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

[ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୨୬ ● ୧୫ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-226 ● 15th September 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ପ୍ରତିରକ୍ଷା ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟରେ ଦାବି

# ଏଲ୍ଏସିରେ ଚୀନ୍ ସୈନ୍ୟ ମୁତୟନ ହ୍ରାସ ପାଇଛି

**ନୂଆଦିଲ୍ଲୀ, ୧୪।୯**

ବ୍ରିକ୍ସ୍ ଶିଖର ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିପାକ୍ଷିକ ଆଲୋଚନାରେ ସୀମା ବିବାଦ ପ୍ରସଙ୍ଗ ଉଠି ନଥାଇପାରେ, କିନ୍ତୁ ପ୍ରତିରକ୍ଷା ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟରେ ଲାଇନ୍ ଅଫ୍ ଆକଚୁଆଲ୍ କଣ୍ଟ୍ରୋଲ୍ (ଏଲ୍. ଏ. ସି.) ରେ ଚୀନ୍ ସୈନ୍ୟ ମୁତୟନରେ ଉଲ୍ଲେଖନୀୟ ହ୍ରାସ ହୋଇଥିବା ଦର୍ଶାଯାଇଛି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ରାଜନୈତିକ, କୂଟନୈତିକ ଏବଂ ସାମରିକ ସ୍ତରରେ ଦ୍ୱିପାକ୍ଷିକ କଥାବାର୍ତ୍ତା ଉତ୍ତର ସୀମାରେ ସକାରାତ୍ମକ ବିକାଶ ଆଣିଛି। ଏଥି ସହିତ ପ୍ରତିରକ୍ଷା ମନ୍ତ୍ରଣାଳୟ 'ଅପରେସନ ସିନ୍ଦୁର' ରେ ଭାରତୀୟ ବାୟୁସେନାର ଭୂମିକା ଉପରେ ଗୁରୁତ୍ୱ ଦେଇଛି।

ନୂଆଦିଲ୍ଲୀରେ ବ୍ରିକ୍ସ୍ ଶିଖର ସମ୍ମିଳନୀରୁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର ଗୋଟିଏ ଦିନ ପରେ ଏହି ରିପୋର୍ଟ ଆସିଛି। ଭାରତୀୟ ସେନା ଉତ୍ତର ସୀମାକୁ ସୁରକ୍ଷିତ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୨୫-୨୬ ପାଇଁ ଏହାର ବାର୍ଷିକ ରିପୋର୍ଟରେ କହିଛି। ରାଜନୈତିକ, କୂଟନୈତିକ ଏବଂ ସାମରିକ ସ୍ତରରେ କଥାବାର୍ତ୍ତା ମାଧ୍ୟମରେ ଭାରତ ଏବଂ ଚୀନ୍ ମଧ୍ୟରେ ଭଲ ସମ୍ପର୍କ ମଧ୍ୟ ବିକଶିତ ହୋଇଥିଲା, ଯାହା ସ୍ଥିରତା ଆଣିଥିଲା। ଦୁଇ ଦେଶ ଶତ୍ରୁତା ପରିବର୍ତ୍ତେ ଭାଗିଦାରୀ ଏବଂ ଶାନ୍ତି ମାଧ୍ୟମରେ ମତଭେଦ ସମାଧାନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଦୁଇ ଦେଶ ମଧ୍ୟରେ କୂଟନୈତିକ ଏବଂ ସାମରିକ ସମ୍ପର୍କ ବୃଦ୍ଧି ପାଇଥିବା ଦର୍ଶାଇ ରିପୋର୍ଟରେ କୁହାଯାଇଛି। ଏହା ମଧ୍ୟ ସୂଚନା ଦିଆଯାଇଛି ଯେ ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍ (ଏଲ୍. ଏ. ସି.) ଏବଂ ତାଲିମ କ୍ଷେତ୍ରରେ ୧୦-ବ୍ରିଗେଡ୍ ଆକାରର ଫୋର୍ସ ମୁତୟନ କରିବାକୁ ଭାରତର ପଦକ୍ଷେପ ପରେ, ଉତ୍ତର ସୀମାରେ ଚୀନ୍ ସେନାର ନିୟୋଜନ ଯଥେଷ୍ଟ ହ୍ରାସ ପାଇଛି।

ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ସେନା ଏଲଏସିର ସମସ୍ତ ସେକ୍ଟରରେ ଭଲ ସ୍ଥିତିରେ ଅଛି ଏବଂ ଯେକୌଣସି ଆକସ୍ମିକ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଅଛି। ୨୦୨୫ରେ ଉତ୍ତର ଫ୍ରଣ୍ଟର ସାମଗ୍ରିକ ପରିସ୍ଥିତି ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ପଦାତିକ, *(ପୃଷ୍ଠା ୭ରେ)*

## ଟୋଲ୍ପ୍ଲାଜାରେ ଆଉ ଅଟକିବନି ଗାଡି

# ବର୍ଷକୁ ଆଦାୟ ହେବ ୨୫ହଜାର କୋଟି

**ନୂଆଦିଲ୍ଲୀ, ୧୪।୯**



ଟୋଲପ୍ଲାଜାରେ ଆଉ ଏଣିକି ଗାଡି ଅଟକିବ ନାହିଁ। ଯାତ୍ରା କରିବାର ଅଭିଳାଷ ଶୀଘ୍ର ପୂରଣ ହେବାକୁ ଯାଉଛି। ଦେଶରେ ୨୦୨୭ ମାର୍ଚ୍ଚ ସୁଦ୍ଧା ବାଧାହୀନ ଟୋଲ ବ୍ୟବସ୍ଥା ଲାଗୁ କରାଯିବ। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ ଏହି ସୂଚନା ଦେଇଛନ୍ତି। 'ଫାଷ୍ଟଟ୍ୟାଗ୍' ଜରିଆରେ ଏହି ଲକ୍ଷ୍ୟ ହାସଲ ହେବ। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୭୦ ପ୍ରତିଶତ ଟୋଲ୍ ପ୍ଲାଜାରେ ବାଧାହୀନ ବ୍ୟବସ୍ଥା ପ୍ରସ୍ତୁତ ହୋଇଯିବ। ଏକ କାର୍ଯ୍ୟକ୍ରମରେ ସେ କହିଥିଲେ, ଫାଷ୍ଟଟ୍ୟାଗ୍ ଲାଗୁ ହେବା ପରେ ଟୋଲ୍ ସଂଗ୍ରହ ପ୍ରାୟ ୭୦୦୦ କୋଟି ଟଙ୍କା ବଢ଼ିଛି। ଫଳରେ ମୋଟ୍ ଟୋଲ ଆଦାୟ ପରିମାଣ ୮୨ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଇଲେକ୍ଟ୍ରୋନିକ୍ସ ଟୋଲ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଲାଗୁ କରାଯିବା ପରେ କେବଳ ସଡ଼କ ପରିବହନ ମନ୍ତ୍ରଣାଳୟରୁ କେନ୍ଦ୍ର ସରକାର ବାର୍ଷିକ ୨୫ ହଜାର କୋଟି ଟଙ୍କାର ଅଧିକ ରାଜସ୍ୱ ପାଇପାରିବେ। ବାଧାହୀନ ଟୋଲ୍ ବ୍ୟବସ୍ଥାରେ ଫାଷ୍ଟଟ୍ୟାଗ ଓ ନମ୍ବରପ୍ଲେଟକୁ ସ୍ୱୟଂକ୍ରିୟ ଭାବେ ଚିହ୍ନଟ କରିବା ପ୍ରଯୁକ୍ତି ଜରିଆରେ ଟୋଲ୍ ସଂଗ୍ରହ କରାଯିବ। ଗାଡ଼ି ଟୋଲ୍ ପ୍ଲାଜା ଦେଇ ଗତି କରିବା ବେଳେ ସେଠାରେ ଲାଗିଥିବା କ୍ୟାମେରା ନମ୍ବର ପ୍ଲେଟକୁ ଚିହ୍ନଟ କରି ଗାଡ଼ି ସମ୍ପର୍କିତ ତଥ୍ୟ ହାସଲ କରିବ ଓ ସେଥିରେ ଲାଗିଥିବା ଫାଷ୍ଟଟ୍ୟାଗ୍ ଖାତାରୁ ଟୋଲ୍ କାଟିନେବ। ଫଳରେ ଗାଡ଼ିକୁ ଆଉ ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବ ନାହିଁ।

ଫାଷ୍ଟଟ୍ୟାଗ ପୋର୍ଟେବିଲିଟି ବ୍ୟବସ୍ଥା 'ୱାନଟ୍ୟାଗ୍' ସମ୍ପର୍କରେ ମନ୍ତ୍ରୀ କହିଥିଲେ, ଏହି ବ୍ୟବସ୍ଥାକୁ ମୁମ୍ବାଇରେ ଲାଗୁ କରାଯାଇଛି। ଏହି ବ୍ୟବସ୍ଥାରେ ରାଜମାର୍ଗ ଆପ୍ ଜରିଆରେ ଗାଡ଼ି ମାଲିକମାନେ ନିଜ ଫାଷ୍ଟଟ୍ୟାଗ୍ ଷ୍ଟିକର୍ ନ ବଦଳାଇ ବ୍ୟାଙ୍କ *(ପୃଷ୍ଠା ୭ରେ)*

## ରାଜଭାଷା ସମ୍ମିଳନୀ: ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ

**ମୁମ୍ବାଇ, ୧୪।୯**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ସୋମବାର ସାଂସ୍କୃତିକ ଜାତୀୟତାବାଦ ଓ ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଛନ୍ତି। ଶାହ କହିଛନ୍ତି, ସାଂସ୍କୃତିକ ଜାତୀୟତାବାଦର ଉଦ୍ଦେଶ୍ୟ ଭାରତର ସଂସ୍କୃତି ଓ ଇତିହାସ ନେଇ ସଚେତନତା ସୃଷ୍ଟି କରିବା। ଦେଶର ବିବିଧ ଭାଷାର ସ୍ୱର ଭିନ୍ନ ହୋଇପାରେ, କିନ୍ତୁ ଜାତୀୟ ଭାବନା ଏକ ରହିବା ଉଚିତ। ଜଣେ ଶିଶୁ ନିଜ ଦେଶକୁ ତା'ର ମାତୃଭାଷା ଦ୍ୱାରା ଚିହ୍ନିପାରେ ବୋଲି ଶାହ କହିବା ସହିତ ଭାରତୀୟ ଭାଷାର ପ୍ରୋତ୍ସାହନ ପାଇଁ ସମସ୍ତ ରାଜନୈତିକ ମତଭେଦକୁ ଅଲଗା ରଖିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ମହାରାଷ୍ଟ୍ରରେ ଦେଶର ସବୁଠାରୁ ଅଧିକ ବହୁଭାଷୀ ସଂସ୍କୃତି ରହିଛି, ଏଠାରେ କଥିତ ଓ ବିକଶିତ ଭାଷା ମଧ୍ୟରେ ମରାଠୀ, କୋଙ୍କଣୀ, ଗୁଜରାଟୀ, ସିନ୍ଧି, ହିନ୍ଦୀ, କନ୍ନଡ ଓ ୱାର୍ଲି ଅନ୍ତର୍ଭୁକ୍ତ। ସେ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରାଠୀକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି। *(ପୃଷ୍ଠା ୭ରେ)*

## ମଣିପୁରରେ ପୁଣି ହିଂସା, ୨୪ ଘଣ୍ଟାରେ ୪ ମୃତ

**ଇମ୍ଫାଲ, ୧୪।୯**

ପୁଣି ଅଶାନ୍ତ ହୋଇପଡିଛି ମଣିପୁର । ଗତ ୨୪ ଘଣ୍ଟାରେ କୁକୀ ସମ୍ପ୍ରଦାୟର ଚାରିଜଣଙ୍କୁ ହତ୍ୟା କରାଯାଇଛି । ଯେଉଁଥିରେ ଦୁଇଜଣ ମହିଳା ଥିବା ଜଣାପଡ଼ିଛି। ତାମେଙ୍ଗଲୋଙ୍ଗ ଏବଂ ନୋନି ଜିଲ୍ଲାରେ ଏହି ଅଭାବନୀୟ ଘଟଣା ଘଟିଛି । ତାମେଙ୍ଗଲୋଙ୍ଗ ଜିଲ୍ଲାର କୈମାଇ ଥାନା ଅନ୍ତର୍ଗତ ଟୋଲେନ୍ କୁକୀ ଗାଁରେ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ହୋଇଥିବାବେଳେ, ନୋନି ଜିଲ୍ଲାର ନୁଙ୍ଗବା ଥାନା ଅନ୍ତର୍ଗତ ଲୋଙ୍ଗପି ଗାଁରେ ଆଉ ଏକ ଆକ୍ରମଣରେ ଆଉ ଦୁଇଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି ।

ସେହିପରି ୬ ବର୍ଷର ଏକ ନିରୀହ ଶିଶୁ ଗୁଳିମାଡ଼ର ଶିକାର ହୋଇଛନ୍ତି। ପୁଲିସର ସୂଚନା ଅନୁସାରେ, ଟୋଲେନ୍ ଗାଁରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ଏକ ଘର ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣରେ ତାଙ୍କ ସ୍ୱାମୀ ଏବଂ ୬ ବର୍ଷର କୁନି ପୁଅ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଆସାମର ସିଲଚର ନିଆଯାଉଥିବା ବେଳେ *(ପୃଷ୍ଠା ୭ରେ)*





15001/97/2627



## ନୂଆଁଖାଇ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ନୂଆଁଖାଇ ତିହାର୍ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍ର ଉଧେ ସମ୍କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0097





# ଓଏସଏପି ଅଷ୍ଟମ ବାଟାଲିୟନରେ ଶପଥ ଗ୍ରହଣ ସମାରୋହ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସହର ଅନତିଦୂରରେ ରହିଥିବା ଛତ୍ରପୁର ଓଏସପି ଅଷ୍ଟମ ବାଟାଲିୟନରେ ହାବିଲଦାର ଓ ସିପାହୀ ଶାଖା ସଂଘର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଥିଲା । ବାଟାଲିୟନ ପରିସରରେ ଆୟୋଜିତ ସମାରୋହରେ ସହ ଦୁର୍ଗପତି ପବିତ୍ର ମୋହନ ମୁଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗତରନାଥ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତୀ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ନବ ନିର୍ବାଚିତ ପଦାଧିକାରୀଙ୍କ ଶପଥ ପାଠ କରାଇଥିଲେ ସଭାପତି ଭାବେ ହାବିଲଦାର ଯଶୋବନ୍ତ ସ୍ୱାଇଁ,ଉପ ସଭାପତି ଜୟଧର ଶବର,ସମ୍ପାଦକ ସୁଶାନ୍ତ ସେଠୀ, କୋଷାଧ୍ୟକ୍ଷ ଜଗନ୍ନାଥ ସେଠୀ,ଯୁଗ୍ମ ସମ୍ପାଦକ ରତିକାନ୍ତ ସାହୁ,ଯୁଗ୍ମ ସମ୍ପାଦକ ଚିନ୍ମୟ ପାତ୍ର ,କାର୍ଯ୍ୟକାରୀ ସଭ୍ୟ ବିଶ୍ୱନାଥ




ସେଠୀ, ଲକ୍ଷ୍ମଣ ସାହୁ,କେ. ହେମାନନ୍ଦ ରେଡି ,ସତ୍ୟମ ରେଡି,ଜଗନ୍ନାଥ ରେଡି ପ୍ରମୁଖ ବିଭିନ୍ନ ପଦ ପଦବୀରେ ସମସ୍ତ ପାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଶୁଭେନ୍ଦୁ କୁମାର ପଲାଇଙ୍କୁ କେନ୍ଦ୍ରିୟ କାର୍ଯ୍ୟକାରୀ ସମିତିର ସଭ୍ୟ ଭାବେ ଘୋଷଣା କରାଯାଇଥିଲା । ଗତ ଥର ନିର୍ବାଚନ ରେ ଏହି ସମସ୍ତ ପଦାଧିକାରୀ ମାନେ ବିଭିନ୍ନ ପଦ ପଦବୀରେ ନିର୍ବାଚିତ ହୋଇଥିଲେ । ବାଟାଲିୟନର ବିକାଶ, ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ହାବିଲଦାର ଓ ସିପାହୀ ମାନଙ୍କ ସୁବିଧା ଅସୁବିଧାରେ ଛିଡ଼ା ହୋଇ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିବାରୁ ପୁଣି ଥରେ ସେହି ପାର୍ଥୀ ମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଯାହାକୁନେଇ ସମସ୍ତ ପଦାଧିକାରୀ ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# କାର୍ଯ୍ୟସ୍ଥଳରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି ହେଉ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ସଦଭାବନା ସଭାଗୃହ ଠାରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ନିର୍ଯାତନା ଆଇନ, ୨୦୧୩ ଉପରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ, ସୁସ୍ଥ ଓ ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଉପରେ ନିଜ ନିଜର ବହୁମୂଲ୍ୟ ମତ ରଖିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଉପସ୍ଥିତ ସମସ୍ତ ଅତିଥି ଓ ପ୍ରଶିକ୍ଷାର୍ଥୀମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବାସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଆଡଭୋକେଟ୍ ଅଙ୍କିତା ଶତପଥୀ ମୁଖ୍ୟ ରିସୋର୍ସ ପର୍ସନ




ଭାବେ ଯୋଗଦେଇ ଉପସ୍ଥିତ କର୍ମଚାରୀ ଓ ଅଧିକାରୀମାନଙ୍କୁ ପୋଷ ଆଇନର ବିଭିନ୍ନ ଧାରା, ଅଭିଯୋଗ ପ୍ରକ୍ରିୟା ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଗଠନ ଓ ଦାୟିତ୍ୱ ବିଷୟରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବୌଦ୍ଧ ଜିଲ୍ଲାର କାର୍ଯ୍ୟକ୍ରମ ତଥା ସୁରକ୍ଷା ଅଧିକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା ଓ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗର ମହିଳା ଅଧିକାରୀ ତଥା କର୍ମଚାରୀ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ସଂଯୋଜିକା ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ରାପଡା ଜିଲ୍ଲାରୁ ଯୌତୁକ ମୂଳୋତ୍ପାଟନ ଉପରେ ଗୁରୁତ୍ୱାରୋପ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ବରିଷ୍ଠ ଆଇନଜିବୀ ଭୀମସେନ ଭୂୟାଁ, ଡିଏସ୍‌ପି ବବିତା ଦଳାଇ, ପିଓ ସବିତାରାଣୀ ସିଂ, ଜିଲ୍ଲା ସଂଯୋଜକ ମହିଳା ସଶକ୍ତିକରଣ ଲଲାଟେନ୍ଦୁ ଭୋଇ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ଯୌତୁକକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଆଲୋଚନା କରାଯାଇଥିଲା। ବରିଷ୍ଠ ଆଇନଜିବୀ ଶ୍ରୀ ଭୂୟାଁ ଯୌତୁକ ଅଧିନିୟମ ଆଇନ୍ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ମହାନ୍ତି ଯୌତୁକ ନିଷେଧ ଅଧିନିୟମ ସମ୍ପର୍କରେ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବା ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ପ୍ରକାଶ କରିଛନ୍ତି। ଶେଷରେ ପିଓ ଶ୍ରୀମତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌରସଂସ୍ଥା ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ ୨୦ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପୌର ଅଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସଂାସଦଙ୍କ ପ୍ରତିନିଧି ମହମ୍ମଦ ସଲ୍ଲୀମ୍ ଖାଁ, ପୌର ଉପାଧକ୍ଷା ଆକବରୀ ଖାତୁନ୍, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ ୨୧ ଗୋଟି ଓ୍ୱାର୍ଡର କାଉନ୍‌ସିଲର ପ୍ରମୁଖ ଉପସ୍ଥିତ ରହି ପୌରାଞ୍ଚଳରେ ଥିବା ୨୧ ଗୋଟି ଓ୍ୱାର୍ଡର ୨୫୨ ଜଣ ହିତାଧିକାରୀମାନଙ୍କୁ ସହରୀ ୨୦ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ୪ମାସ ଭିତରେ ଆବାସ ଯୋଜନା କାର୍ଯ୍ୟ ଶେଷ କଲେ ସେମାନଙ୍କୁ ପ୍ରଥମ ୨୦ ହଜାର ବୋନସ୍ ଓ ଦ୍ୱିତୀୟରେ ୨୫ ହଜାର ବୋନସ୍ ଦେବାର ଯୋଜନା ରହିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନ୍‌ସିଲର ଉମେଶ ଚନ୍ଦ୍ର ନାୟକ, ଫର୍ଜନା ବେଗମ୍, ଅସୀମା ନାୟକ, ସେକ୍ ଅସଲାମ୍, ନିରାକାର ସ୍ୱାଇଁ, ଅଭୟ ବେହେରା ପ୍ରମୁଖଙ୍କ ସମେତ ପୌରାଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଧାନ ଫସଲରେ ସମନ୍ୱିତ ପୋଷକତତ୍ତ୍ୱ ପରିଚାଳନା ନେଇ ଗୁରୁତ୍ୱ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ବରପାଲି ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ଧାନ ଫସଲରେ ସମନ୍ୱିତ ପୋଷକତତ୍ତ୍ୱ ପରିଚାଳନା ସମ୍ପର୍କରେ ଏକ ଦ୍ୱିଦିବସୀୟ ତାଲିମ ଶିବିର ଆରମ୍ଭ ହୋଇଛି । ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଧାନ ଚାଷରେ ସନ୍ତୁଳିତ ସାର ବ୍ୟବହାର, ମାଟିର ଉର୍ବରତା ବଜାୟ ରଖିବା ଏବଂ ଉତ୍ପାଦନ ବୃଦ୍ଧି ଭଳି ବିଭିନ୍ନ ବିଷୟରେ ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମମତା ରାଣୀ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ




ଯୋଗଦେଇ ଧାନ ଚାଷରେ ଆଧୁନିକ କୃଷି ପଦ୍ଧତି ସହିତ ବୈଜ୍ଞାନିକ ଭାବେ ପୋଷକତତ୍ତ୍ୱ ପରିଚାଳନା କରିବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆତ୍ମା, ବରଗଡ଼ର ଉପନିର୍ଦ୍ଦେଶିକା ଶୁଭଶ୍ରୀ ସୌମ୍ୟା ବିଭାର ଯୋଗଦେଇ ଚାଷୀମାନେ ମାଟିର ଆବଶ୍ୟକତା ଅନୁଯାୟୀ ସାର ପ୍ରୟୋଗ କରିବା ସହିତ ଜୈବିକ ସାରର ବ୍ୟବହାର ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଥିଲେ ।ତାଲିମ ଶିବିରରେ ବିଟିଏମ୍ ଶୁକଦେବ ମହାରଣା, ବରପାଲି ସହକାରୀ କୃଷି ଅଧିକାରୀ ଋତୁପର୍ଣ୍ଣା ତ୍ରିପାଠୀ ଏବଂ କୁମ୍ଭାରୀ କୃଷି ପରିଦର୍ଶନ ଅଧିକାରୀ ଧୀରେନ୍ଦ୍ର କୁମାର ଭୋଇ ଯୋଗଦେଇ ଚାଷୀମାନଙ୍କୁ ସମନ୍ୱିତ ସାର ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ । ଧାନ ଫସଲରେ ନାଇଟ୍ରୋଜେନ, ଫସ୍‌ଫରସ୍ ଓ ପଟାସ ଭଳି ମୁଖ୍ୟ ପୋଷକତତ୍ତ୍ୱର ସନ୍ତୁଳିତ ବ୍ୟବହାର ସହିତ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ସୂକ୍ଷ୍ମ ପୋଷକତତ୍ତ୍ୱ ପ୍ରୟୋଗ ଉପରେ ଆଲୋଚନା କରାଯାଇଥିଲା । ଅତ୍ୟଧିକ କିମ୍ବା ଅନାବଶ୍ୟକ ସାର ବ୍ୟବହାର ଦ୍ୱାରା ମାଟିର ଗୁଣବତ୍ତା ହ୍ରାସ ପାଇବା ସହିତ ଚାଷ ଖର୍ଚ୍ଚ ବଢ଼ିପାରେ ବୋଲି ଚାଷୀମାନଙ୍କୁ ସଚେତନ କରାଯାଇଥିଲା । ମାଟି ପରୀକ୍ଷା ଆଧାରରେ ସାର ପ୍ରୟୋଗ କଲେ ଚାଷ ଖର୍ଚ୍ଚ କମାଇ ଧାନର ଉତ୍ପାଦନ ଓ ଗୁଣବତ୍ତା ବୃଦ୍ଧି କରାଯାଇପାରିବ ବୋଲି ତାଲିମଦାତାମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଚାଷୀମାନଙ୍କ ପକ୍ଷରୁ ଧାନ ଚାଷ ସମୟରେ ସାର ପ୍ରୟୋଗ, ମାଟିର ଉର୍ବରତା, ଫସଲର ବିକାଶ ଓ ଉତ୍ପାଦନ ବୃଦ୍ଧି ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରାଯାଇଥିଲା । କୃଷି ବିଭାଗର ଅଧିକାରୀମାନେ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ଚାଷୀମାନଙ୍କୁ ଆବଶ୍ୟକୀୟ କୃଷି ପରାମର୍ଶ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କୃଷକ ସାଥୀ ସତ୍ୟବାନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜଗଦାନନ୍ଦ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତାଲିମ ଶିବିରରେ ଅଗ୍ରଣୀ ଚାଷୀ ମହେଶ୍ୱର ପଧାନଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଯୋଗଦେଇଥିଲେ । କୃଷକମାନଙ୍କୁ ଆଧୁନିକ ଓ ବୈଜ୍ଞାନିକ କୃଷି ପଦ୍ଧତି ସହିତ ପରିଚିତ କରାଇବା ଏବଂ ଧାନ ଚାଷରେ ସାରର ସଠିକ୍ ବ୍ୟବହାର ସମ୍ପର୍କରେ ଜ୍ଞାନ ପ୍ରଦାନ କରିବା ଏହି ଦ୍ୱିଦିବସୀୟ ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମ ପରିଚାଳନାରେ ମାନସ ରଞ୍ଜନ ପଧାନ ଓ ଜଗଦିଶ ପାଣ୍ଡେ ସହଯୋଗ କରିଥିଲେ ।

# ରାଇଘରରେ ଶକ୍ତିଶ୍ରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସରକାରୀ ସ୍ନାତକ ମହାବିଦ୍ୟାଳୟ, ରାଇଘର ପରିସରରେ କେନ୍ଦ୍ର ଓ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ଆନୁକୂଲ୍ୟରେ 'ଶକ୍ତିଶ୍ରୀ ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼. କ୍ଷୀରୋଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସୁରକ୍ଷା, ଅଧିକାର, ଆତ୍ମବିଶ୍ୱାସ ଓ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି ଓ କଥାକାର ପରୀକ୍ଷିତ ସାହୁ, ସ୍ଥାନୀୟ ସବିନିସ୍ପେକଟର ଚନ୍ଦନ ସାହୁ ଏବଂ ଆଇନଜୀବୀ ପୁରୁଷୋତ୍ତମ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆଇନଗତ ଓ ସାମାଜିକ ଦିଗ ସମ୍ପର୍କରେ ସଚେତନ କରିଥିଲେ । ବକ୍ତାମାନେ ଶିଶୁ ଯୌନ ନିର୍ଯାତନା ଓ ଶୋଷଣ, ପୋକ୍ସୋ ଆଇନ, ରାଗିଙ୍ଗ, ନାରୀ ସୁରକ୍ଷା, ସାଇବର




ଅପରାଧ ଓ ଆଇନଗତ ଅଧିକାର ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟାୟ କିମ୍ବା ନିର୍ଯାତନାର ଶିକାର ହେଲେ ନିରବ ନରହି ଆଇନଗତ ଓ ପ୍ରଶାସନିକ ସହାୟତା ନେବାକୁ ସେମାନେ ପରାମର୍ଶ ଦେଇଥିଲେ । ଅଧକ୍ଷ ଡ଼. କ୍ଷୀରୋଦ ଚନ୍ଦ୍ର ନାୟକ କହିଥିଲେ ଯେ, ସଚେତନତା ହିଁ ସୁରକ୍ଷାର ପ୍ରଥମ ପଦକ୍ଷେପ । ଶିକ୍ଷା ସହିତ ଆଇନ ଓ ନିଜ ଅଧିକାର ସମ୍ପର୍କରେ ଜ୍ଞାନ ରହିଲେ ଛାତ୍ରୀମାନେ ଆତ୍ମବିଶ୍ୱାସର ସହିତ ନିଜ ଭବିଷ୍ୟତ ଗଢ଼ିପାରିବେ । ସେ ଛାତ୍ରୀମାନଙ୍କୁ ନିର୍ଭୟ ଓ ସଶକ୍ତ ହୋଇ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଯୋଗଦେଇ ଆଇନ ଓ ସୁରକ୍ଷା ସମ୍ପର୍କିତ ତଥ୍ୟ ହାସଲ କରିଥିଲେ । ଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ଉପସ୍ଥାପନ କରିଥିବା ବେଳେ ଅତିଥିମାନେ ସେଗୁଡ଼ିକର ଉପଯୁକ୍ତ ଉତ୍ତର ଓ ପରାମର୍ଶ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ମୋନାଲିସା ବାଘ ସୁଚାରୁ ଭାବେ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।


## ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ 'ନୂଆଁଖାଇ' ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ-ସଭ୍ୟା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ-ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀବୃନ୍ଦ ତଥା ଅଧ୍ୟୟନରତ ପ୍ରିୟ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ଓଡ଼ିଶାରେ 'ପିଏମ୍-ଶ୍ରୀ' (ପ୍ରଧାନମନ୍ତ୍ରୀ ସ୍କୁଲ୍ ଫର୍ ରାଇଜିଂ ଇଣ୍ଡିଆ) ଯୋଜନା କାର୍ଯ୍ୟକାରୀ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହିତ ବୈଜ୍ଞାନିକ ମନୋଭାବର ବିକାଶ, କଳା ଓ ସାହିତ୍ୟ କ୍ଷେତ୍ରରେ ସୃଜନଶୀଳତାକୁ ଉତ୍ସାହିତ କରିବା ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା। ଆମ ସୁବର୍ଣ୍ଣପୁର ଜିଲ୍ଲାର ୧୫ ଗୋଟି ସରକାରୀ ବିଦ୍ୟାଳୟ (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ) କୁ ପର୍ଯ୍ୟାୟକ୍ରମେ ଏଥିପାଇଁ ଚୟନ କରାଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ଯେଉଁଥିପାଇଁ ସରକାର ଆବଶ୍ୟକୀୟ ପାଣ୍ଠି ମଧ୍ୟ ଯୋଗାଇ ଦେଇଛନ୍ତି।

ପିଏମ୍-ଶ୍ରୀ ବିଦ୍ୟାଳୟଗୁଡ଼ିକ ଏକ ଉତ୍ସାହପୂର୍ଣ୍ଣ ପରିବେଶରେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ, ସର୍ବବ୍ୟାପୀ ତଥା ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ବିଦ୍ୟାଳୟଗୁଡ଼ିକ କେବଳ ପାଠ୍ୟପୁସ୍ତକ ଭିତ୍ତିକ ଜ୍ଞାନରେ ସୀମିତ ନ ରହି ଏକବିଂଶ ଶତାବ୍ଦୀର ଆବଶ୍ୟକୀୟ ଦକ୍ଷତା ବିକାଶ ସହ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଉତ୍ତମ ଭୌତିକ ଭିତ୍ତିଭୂମି, ଉପଯୁକ୍ତ ଶିକ୍ଷଣ ସମ୍ବଳ ଓ ଅନୁଭୂତି ଆଧାରିତ ଶିକ୍ଷାଦାନ ମାଧ୍ୟମରେ ପ୍ରତ୍ୟେକ ଶିଶୁର ବିକାଶ ଉପରେ ଏଠାରେ ଯତ୍ନବାନ ହେବାକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ "ବର୍ଣ୍ଣାଳୀ" କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ସ୍ତରରେ ଲିଙ୍ଗଗତ ଭେଦଭାବ ଦୂରୀକରଣ ଓ ସମାନ ସୁଯୋଗ ସୃଷ୍ଟି ପାଇଁ ସଚେତନତା ବୃଦ୍ଧି କରାଯାଉଛି।

ଜିଲ୍ଲାର ପ୍ରତ୍ୟେକ ଛାତ୍ରଛାତ୍ରୀ ଏହି ସମସ୍ତ ଯୋଜନାର ସଦୁପଯୋଗ କରି ନିଜର ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରନ୍ତୁ, ଏହା ହିଁ ଆମର ଆନ୍ତରିକ କାମନା। ମାଁ ସୁରେଶ୍ୱରୀ ସମସ୍ତଙ୍କୁ ମଙ୍ଗଳ କରନ୍ତୁ।

ଜିଲ୍ଲାଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ / ଅଧ୍ୟକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର



## ନୂଆଁଖାଇ ଜୁହାର

ନିୟମିତ ବଜାର କମିଟି,ବୀରମହାରାଜପୁର

ବୀରମହାରାଜପୁରଉପଖଣ୍ଡର ଅଗଣିତ ଚାଷୀ ଭାଇ ,ଭଉଣୀ ଓ ଜନସାଧାରଣଙ୍କୁ ପଶ୍ଚିମଓଡିଶାରମହାନ ଗଣପର୍ବ ନୂଆଁଖାଇ ଅବସରରେ ଅଭିନନ୍ଦନ ଓଶୁଭକାମନା ଚାଷୀ ଭାଇ ଭଉଣୀ ଓ ବ୍ୟବସାୟୀ ସମସ୍ତେ ସରକାରଙ୍କ ଦ୍ୱାରା ପ୍ରଣିତ e-NAM ରେ ସାମିଲ ହୋଇ ତାର ସୁଯୋଗ ନେବାକୁ ଅନୁରୋଧ ।

ଶ୍ରୀ ମନୋଜ କୁମାର ଜେନା
ସଂପାଦକ
ନିୟମିତ ବଜାର କମିଟି ବୀରମହାରାଜପୁର

ଶ୍ରୀ ସୁରେନ୍ଦ୍ର ମେହେର
ଅଧକ୍ଷ
ନିୟମିତବଜାରକମିଟି ବୀରମହାରାଜପୁର



## ନୂଆଖାଇ ଜୁହାର !



ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୁଆଖାଇ ଅବସରରେ ସମସ୍ତ କୃଷକ ଭାଇ ଓ ଭଉଣୀ, ଜନସାଧାରଣ ଏବଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। ନୁଆଖାଇ ଆମକୁ ନୂଆ ଆଶା, ନୂଆ ଫସଲ ଓ ସମୃଦ୍ଧିର ବାର୍ତ୍ତା ଦେଇଥାଏ। ସମସ୍ତ କୃଷକ ଭାଇ ଓ ଭଉଣୀମାନେ ଉଚ୍ଚ ଓ ଜଳସେଚନବିହୀନ ଧାନ ଜମିରେ ଧାନ ପରିବର୍ତ୍ତେ କପା, ଡାଲିଜାତୀୟ ଫସଲ, ତୈଳବୀଜ ଓ ପନିପରିବା ଚାଷ କରି କୃଷି ବିବିଧୀକରଣ ଓ ଆୟ ବୃଦ୍ଧି ଦିଗରେ ଆଗେଇ ଆସନ୍ତୁ।

ଆମ ଶିକ୍ଷିତ ଯୁବ କୃଷକମାନେ କୃଷି ଉଦ୍ୟୋଗୀ ଭାବେ ନୂଆ ସୁଯୋଗ ସୃଷ୍ଟି କରି ଚାଷକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରନ୍ତୁ। ସେହିପରି ଜୈବ ଓ ପ୍ରାକୃତିକ କୃଷି, ମାଟି ପରୀକ୍ଷା ଆଧାରିତ ସାର ପ୍ରୟୋଗ ଏବଂ ସାରର ସଂଯମିତ ବ୍ୟବହାର ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଓ ପରିବେଶକୁ ସୁରକ୍ଷିତ ରଖନ୍ତୁ।

ଆସନ୍ତୁ, ସମସ୍ତେ ମା' ସମଲେଇଙ୍କ ଆଶୀର୍ବାଦରେ ମିଳିତ ଭାବେ କୃଷି ବିବିଧୀକରଣ, କୃଷି ଉଦ୍ୟୋଗିତା ଓ ପରିବେଶ ସୁରକ୍ଷାକୁ ଆପଣାଇ ସମୃଦ୍ଧ କୃଷକ, ସଶକ୍ତ କୃଷି ଓ ଏକ ସମୃଦ୍ଧ ବରଗଡ଼ ଗଢ଼ିବା।

ଜୟ କିଷାନ ! ଜୟ କୃଷି !



## ନୂଆଁଖାଇ ଜୁହାର-୨୦୨୬

ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍ ମାନଙ୍କୁ ଓ ପଶ୍ଚିମ ଓଡିଶାର ଭାଇ ବହେନ୍ ସବ୍‌କୁ ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇର୍ ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ରାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବର୍ଷା ହେଉ ଆରୁ ଆମର୍ ଚାଷୀଭାଇ ମାନକର୍ ମା'ଲକ୍ଷ୍ମୀ ଙ୍କର କୃପାଥି ଭଣ୍ଡାର ଘର୍ ଉଛୁଳି ପଡୁ ଆରୁ ୨୦୨୬ ବଛର୍ ସବ୍‌କର ମଙ୍ଗଳ ହେଉ ।

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଞ୍ଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସାବଲମ୍ବୀ ହୁଅନ୍ତୁ ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ ।
୫. ସି.ଏମ୍. କିସାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିସାନ ଓ ସି.ଏମ୍. କିସାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ ।
୬. କୃଷକ ରେଜିଷ୍ଟ୍ରି (Agristack) ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ । ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ଅଥବା ୧୫୫୩୩୩ ଟୋଲ ଫ୍ରି ନମ୍ବରରେ ଫୋନ କରନ୍ତୁ ।

ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝି
ଜିଲ୍ଲାପାଳ ତଥା ଅଧକ୍ଷ୍ୟ,
ଆତ୍ମା ପରିଚାଳନା କମିଟି
ସୁବର୍ଣ୍ଣପୁର

ଶ୍ରୀଯୁକ୍ତ ସୌଭାଗ୍ୟ କୁମାର ମହାନ୍ତି
ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ତଥା
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ସୁବର୍ଣ୍ଣପୁର



## ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ବୀରମହାରାଜପୁର



ନୂଆଖାଇ ଜୁହାର

ବୀରମହାରାଜପୁର ଉପଖଣ୍ଡ ର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆମ୍ଭର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା । ପ୍ରତିବର୍ଷପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ପ୍ରକାରର ଯୋଜନା ଯଥା ଆମ୍ବ ,କାଜୁ,ଲେମ୍ବୁ, କଦଳୀ, ଆତ, ପଜୁଳି ଫଳ ଚାଷ ପିଆଜ , ଧନିଅ , ଲଙ୍କା , ହଳଦୀ ଚାଷ ଏବଂ ବିଭିନ୍ନ ପ୍ରକାର ର ଫୁଲ ଓ ପନିପରିବା ଚାଷ ପାଇଁ ସରକାରୀ ପ୍ରତ୍ସାହନ ଦେବାସହିତ ରିହାତି ଦରରେ ମଞ୍ଜି ଓ ଚାରା ଉଦ୍ୟାନ ବିଭାଗ ବୀରମହାରାଜପୁର ଯୋଗାଇ ଦେଇଆସୁଅଛି । ଛତୁ ଓ ଫୁଲ ଚାଷ ନିମନ୍ତେ ସୟଂ ସହାୟକ ଗୋଷ୍ଠି ମହିଳା ମାନଙ୍କୁ ସରକାରୀ ପ୍ରତ୍ସାହନ ଦିଅଯାଉଅଛି । ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ଉଦ୍ୟାନ ବିଭାଗ, ବୀରମହାରାଜପୁର ସହିତ ଯୋଗାଯୋଗ କରିବାପାଇଁ ଅନୁରୋଧ 🙏🙏🙏🙏।



## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ଡୁଙ୍ଗୁରିପାଲି
## ନୂଆଁଖାଇ ଜୁହାର



ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ 'ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀ ଜନସାଧରଣଙ୍କୁ ଶୁଭେଚ୍ଛା ମାଁ ସୁରେଶ୍ୱରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇ ସୁଖ ଓ ସମୃଦ୍ଧି କରନ୍ତୁ ଏହାହିଁ ପ୍ରାର୍ଥନା ।

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ସେପ୍ଟେମ୍ବର, ୨୦୨୬ ମଙ୍ଗଳବାର





# ମାନସ ନାୟକ ପାଇଲେ 'ଡ. ବଂଶୀଧର ପଣ୍ଡା ଗୋଲ୍ଡ ମେଡାଲ୍-୨୦୨୬'




ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

୨୦୨୬ ମସିହା ପାଇଁ 'ଡ. ବଂଶୀଧର ପଣ୍ଡା ଗୋଲ୍ଡ ମେଡାଲ୍' ଏନ୍‌ଆଇଟି ରାଉରକେଲାର ମେଟାଲର୍ଜିକାଲ୍ ଆଣ୍ଡ ମ୍ୟାଟେରିଆଲ୍ସ ଇଞ୍ଜିନିୟରିଂ ବିଭାଗର ଛାତ୍ର ଶ୍ରୀମାନ ସନାୟକଙ୍କୁ ପ୍ରଦାନ କରାଯାଇଛି । ସେପ୍ଟେମ୍ବର ୧୨ ତାରିଖରେ ଅନୁଷ୍ଠିତ ଅନୁଷ୍ଠାନର ୨୪ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ସମାବର୍ତ୍ତନ ଉତ୍ସବରେ ନୀତି ଆୟୋଗର ସଦସ୍ୟ ପ୍ରଫେସର ଅଭୟକରନ୍ଦୀ କର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଇମ୍ଫାର ପ୍ରତିଷ୍ଠାତା ଡ. ବଂଶୀଧର ପଣ୍ଡାଙ୍କ ସ୍ମୃତିରେ ୨୦୧୯ ମସିହାରେ ଏହି ଗୋଲ୍ଡ ମେଡାଲ୍ ପ୍ରତିଷ୍ଠା କରାଯାଇଥିଲା । ପ୍ରତିବର୍ଷ ଏନ୍‌ଆଇଟି ରାଉରକେଲାର ମେଟାଲର୍ଜିକାଲ୍ ଆଣ୍ଡ ମ୍ୟାଟେରିଆଲ୍ସ ଇଞ୍ଜିନିୟରିଂ କ୍ଷେତ୍ରରେ ବି.ଟେକ୍ ପାଠ୍ୟକ୍ରମରେ ବ୍ୟାଚ୍‌ର ଶୀର୍ଷ ସ୍ଥାନ ହାସଲ କରୁଥିବା ଛାତ୍ରଙ୍କୁ ଏହି ପଦକ ପ୍ରଦାନ କରାଯାଇଥାଏ । ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ମିଶିଗାନ ଟେକ୍ନୋଲୋଜିକାଲ ୟୁନିଭର୍ସିଟିରେ ଶିକ୍ଷାଲାଭ କରିଥିବା ଡ. ପଣ୍ଡା ଜୀବନ ବ୍ୟାପୀ ବୈଷୟିକ ଶିକ୍ଷା ଓ ଅନୁଷ୍ଠାନ ଗଠନ ପ୍ରତିବଦ୍ଧ ଥିଲେ । ସେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଏନ୍‌ଆଇଟି ରାଉରକେଲାର ବୋର୍ଡଅଫ୍ ଗଭର୍ନର୍ସର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ଶିଳ୍ପକ୍ଷେତ୍ର ଓ ଓଡ଼ିଶାର ଧାତୁ ବିଜ୍ଞାନ କ୍ଷେତ୍ରକୁ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଏନ୍‌ଆଇଟି ରାଉରକେଲା ୨୦୧୫ ମସିହାରେ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲା । ଧାତୁ ବିଜ୍ଞାନ କ୍ଷେତ୍ରରେ ଉତ୍କର୍ଷତାକୁ ସ୍ୱୀକୃତି ଦେବା ଏବଂ ଭବିଷ୍ୟତ ପିଢ଼ିର ଇଞ୍ଜିନିୟର ମାନଙ୍କୁ ପ୍ରେରଣା ଯୋଗାଇବା ଦିଗରେ ଡ. ପଣ୍ଡାଙ୍କ ପ୍ରତିବଦ୍ଧତାକୁ ଆଗେଇନେବା ଉଦ୍ଦେଶ୍ୟରେ ଇମ୍ଫାର ଏହି ସ୍ଥାୟୀ ପାଣ୍ଠି ଗଠନ କରିଥିଲା । ମାନସ ନାୟକଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ ଇମ୍ଫାର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସଞ୍ଜୟ କୁମାର ଶତପଥୀ କହିଛନ୍ତି, "ଡ. ବଂଶୀଧର ପଣ୍ଡା ଗୋଲ୍ଡମେଡାଲ୍ ଧାତୁ ବିଜ୍ଞାନ ଓ ମ୍ୟାଟେରିଆଲ୍ସ ଇଞ୍ଜିନିୟରିଂ କ୍ଷେତ୍ରରେ ଶିକ୍ଷାଗତ ଉତ୍କର୍ଷତାକୁ ସମ୍ମାନିତ କରିବା ସହିତ ଯୁବ ଇଞ୍ଜିନିୟର ମାନଙ୍କୁ ଉଦ୍ଦେଶ୍ୟପୂର୍ଣ୍ଣ ଉତ୍କର୍ଷତା ହାସଲ କରିବା ପାଇଁ ପ୍ରୋତ୍ସାହିତ କରେ । ଏନ୍‌ଆଇଟି ରାଉରକେଲାରେ ଡ. ପଣ୍ଡାଙ୍କ ଅବଦାନ ଓ ଐତିହ୍ୟକୁ ସମ୍ମାନିତ କରିବା ଆମ ପାଇଁ ଶେଷ ଅର୍ଥବହ, କାରଣ ଏହି ଅନୁଷ୍ଠାନ ସହିତ ଇମ୍ଫାର ଦୀର୍ଘଦିନର ଏବଂ ମୂଲ୍ୟବାନ ସମ୍ପର୍କ ରହିଛି । ଆମେ ମାନସ ନାୟକଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଭବିଷ୍ୟତ ପ୍ରୟାସ ପାଇଁ ଶୁଭେଚ୍ଛା ଜଣାଉଛୁ ।"

# ଦେବୀ ମୁହାଣରେ ନୂଆ ପ୍ରଜାତିର ଦ୍ୱିଖୋଳକ ଜୀବ: ନାଁ ରଖାଗଲା 'ଡେଲ୍ଟାକିଅନ୍ ରେଭେନ୍ସା'

କଟକ, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ସାମୁଦ୍ରିକ ଜୈବ ବିବିଧତାକୁ ନେଇ ଗବେଷଣା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଦେବୀ ନଦୀ ମୁହାଣ । ଏଠାରୁ ମିଳିଛି ୭ ମିଲିମିଟରରୁ କମ୍ ଆକାରର ଏକ ନୂଆ ପ୍ରଜାତିର ଦ୍ୱିଖୋଳକ ଜୀବ । ଏହି କ୍ଷୁଦ୍ର ଜୀବର ଆବିଷ୍କାର କେବଳ ଜୀବ ବିଜ୍ଞାନୀଙ୍କ ପାଇଁ ନୁହେଁ, ଓଡ଼ିଶା ଉପକୂଳରେ ଲୁଚି ରହିଥିବା ଅଜଣା ଜୀବଜଗତ ସମ୍ପର୍କରେ ନୂଆ ଆଶା ସୃଷ୍ଟି କରିଛି । ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ନେଦରଲ୍ୟାଣ୍ଡସ୍ ନାଚୁରାଲିସ୍ ଜୈବ ବିବିଧତା କେନ୍ଦ୍ରର ଗବେଷକମାନେ ଏହି ଜୀବକୁ ଚିହ୍ନଟ କରିଛନ୍ତି । ନୂଆ ପ୍ରଜାତିର ନାମ 'ଡେଲ୍ଟାକିଅନ୍ ରେଭେନ୍ସା' ରଖାଯାଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷଣା ଅବଦାନକୁ ସମ୍ମାନ ଜଣାଇ ଏପରି ନାମକରଣ କରାଯାଇଛି । ଚଳିତ ବର୍ଷ ଫେବୃଆରୀରେ ଦେବୀ ନଦୀ ମୁହାଣ ନିକଟ ଅନ୍ତରଙ୍ଗ ଅଞ୍ଚଳରେ ସାମୁଦ୍ରିକ ଜୀବଜନ୍ତୁ ସମ୍ପର୍କିତ ସର୍ଭେକ୍ଷଣ ବେଳେ ଗବେଷକମାନେ ଏହି ଜୀବର ତିନୋଟି ନମୁନା ସଂଗ୍ରହ କରିଥିଲେ । ବାଲୁକାମୟ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ନମୁନାକୁ ପରେ ଅତ୍ୟନ୍ତ ସୂକ୍ଷ୍ମ ଭାବେ ପରୀକ୍ଷା କରାଯାଇଥିଲା । ଏହାର ଖୋଳର ଆକାର, ଗଠନ ଓ ପୃଷ୍ଠରେ ଥିବା ବିଶେଷ ଚିହ୍ନକୁ ଅନ୍ୟ ନିକଟ ସମ୍ପର୍କୀୟ ପ୍ରଜାତି ସହ ତୁଳନା କରାଯାଇଥିଲା । ଅଧ୍ୟୟନ ପରେ ଏହା ଏକ ସ୍ୱତନ୍ତ୍ର ପ୍ରଜାତି ବୋଲି ଗବେଷକମାନେ ନିଶ୍ଚିତ ହୋଇଥିଲେ । ଅଧ୍ୟୟନ ଅନୁଯାୟୀ, ଭାରତରେ ବର୍ତ୍ତମାନ ଡୋନାସିଡେ ପରିବାରର ୧୨ଟି ପ୍ରଜାତି ରେକର୍ଡ ହୋଇଛି । ସେଥିମଧ୍ୟରୁ ୭ଟି ପ୍ରଜାତି ଓଡ଼ିଶା ଉପକୂଳରୁ ଚିହ୍ନଟ ହୋଇଛି ।




ତେବେ ଭାରତୀୟ ଡୋନାସିଡେ ପ୍ରଜାତି ଉପରେ ଗବେଷଣା ଏବେବି ସୀମିତ ରହିଛି । ଏହି ଜୀବର ଆକାର ପ୍ରାୟ .୯ ମିଲିମିଟର । ଏହାର ଖୋଳ ଲମ୍ବା ଓ ତ୍ରିକୋଣାକାର । ଏହାର ପୃଷ୍ଠରେ ଥିବା ଜାଲି ଭଳି ବିଶେଷ ଗଠନ ଏହାକୁ ଅନ୍ୟ ପ୍ରଜାତି ଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଆକାରରେ ଏତେ ସୂକ୍ଷ୍ମ ହୋଇଥିଲେ ମଧ୍ୟ ଏହାର ଗଠନ ଓ ଜୀବନଧାରା ଗବେଷକଙ୍କ ଆଗ୍ରହ ବଢ଼ାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ନୂଆ ପ୍ରଜାତି ନଦୀ ଓ ସମୁଦ୍ରର ମିଶ୍ରିତ ଜଳ ଥିବା ଦେବୀ ମୁହାଣ ଅଞ୍ଚଳରେ ମିଳିଛି । ଏଠାରେ ଜଳର ଲବଣତା ସମୟ ଓ ଋତୁ ଅନୁଯାୟୀ ବଦଳିଥାଏ । ଏଭଳି ପରିବେଶରେ ଏହି ଜୀବ କିପରି ନିଜକୁ ଖାପ ଖୁଆଇଛି, ତାହା ଆଗାମୀ ଗବେଷଣାର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବ । ଗବେଷକମାନଙ୍କ ମତରେ, ଓଡ଼ିଶାର ବିସ୍ତୃତ ଉପକୂଳ, ନଦୀ ମୁହାଣ ଓ ବାଲୁକାମୟ ଅଞ୍ଚଳରେ ଅଧିକ ସର୍ଭେ କରାଗଲେ ଏଭଳି ଅନେକ ଅଜଣା ପ୍ରଜାତି ସାମ୍ନାକୁ ଆସିପାରନ୍ତି । ଏହି ଆବିଷ୍କାର ଓଡ଼ିଶାର ଉପକୂଳୀୟ ଜୈବ ବିବିଧତାକୁ ପୁଣିଥରେ ପ୍ରମାଣିତ କରିବା ସହ ଏହାର ସୁରକ୍ଷା ଓ ଅଧିକ ଗବେଷଣାର ଆବଶ୍ୟକତାକୁ ସାମ୍ନାକୁ ଆଣିଛି ।

# 'ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ଜୀବନବ୍ୟାପୀ ସଂଗ୍ରାମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପରିପୁଷ୍ଟ କରୁଥିଲା'

ବରଗଡ଼, ନ୍ୟୁଜ୍ ବ୍ୟୁରୋ




ଜନସାଥୀ ଲେଙ୍ଗୁ ମିଶ୍ର କେବଳ ଜଣେ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ନଥିଲେ । ସେ ଏକ ଚେତନା । ତାଙ୍କ ସେବା ଓ ସାହସିକତା, ପରୋପକାର ଓ ତ୍ୟାଗ, ଅନ୍ୟାୟ ଓ ଅତ୍ୟାଚାରର ପ୍ରତିବାଦ ପାଇଁ ସ୍ୱର ଗଣତାନ୍ତ୍ରିକ ଅଧିକାର ସାଙ୍ଗକୁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପରିପୁଷ୍ଟ କରୁଥିଲା ବୋଲି ତାଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି । ବରଗଡ଼ ମହିଳା ସମିତି ତାହାର ପ୍ରତିଷ୍ଠାତା ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ୩୨ତମ ଶ୍ରାଦ୍ଧ ବାର୍ଷିକୀ ଶନିବାର ଦିନ ପାଳନ କରିଥିଲା । ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରକୁ ଗାନ୍ଧୀ ମେମୋରିଆଲ କଲେଜ, କଳାପାଣିର ପ୍ରାଧ୍ୟାପକ ମୋହନ ସାହୁ ପରିଚାଳନା କରିଥିଲେ । ବିଭିନ୍ନ ପ୍ରସଙ୍ଗରେ ଆଲୋଚକ ଭାବରେ ବିଶିଷ୍ଟ କୃଷକ ନେତା ଲିଙ୍ଗରାଜ, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ବିଶିଷ୍ଟ କୃଷକ ଓ ଶ୍ରମିକ ନେତା କ୍ଷୀରୋଦ ସିଂଦେଓ ଅଂଶଗ୍ରହଣ କରିଥିଲେ । ଡ. ପ୍ରଦୀପ କୁମାର ହୋତା ଉଦ୍ଦେଶ୍ୟ ଜ୍ଞାପନ କରି ଲେଙ୍ଗୁ ମିଶ୍ରଙ୍କ ମାନବୀୟ ମମତ୍ୱବୋଧ ସାଙ୍ଗକୁ ଅତିମାନସ କର୍ତ୍ତବ୍ୟବୋଧ ହିଁ ରାଜନୈତିକ ମତାଦର୍ଶରେ ପାର୍ଥକ୍ୟ ସତ୍ତ୍ୱେ ସମସ୍ତଙ୍କ ପ୍ରିୟଭାଜନ କରି ଜନସାଥୀ ରାଜନୀତିଜ୍ଞ କରାଇଥିଲା ବୋଲି କହିଥିଲେ । ଶ୍ରୀ ସିଂଦେଓ ବର୍ତ୍ତମାନ ପରିସ୍ଥିତିରେ ଲେଙ୍ଗୁ ମିଶ୍ରଙ୍କ ପ୍ରାସଙ୍ଗିକତା ପ୍ରସଙ୍ଗରେ ଲେଙ୍ଗୁ ମିଶ୍ରଙ୍କୁ ଜନତାଙ୍କ ସମସ୍ୟା ସମାଧାନରେ ମୃତ୍ୟୁ ପର୍ଯ୍ୟନ୍ତ ଫରୱାର୍ଡ ଖେଳାଳି ଭାବେ ବର୍ଣ୍ଣନା କରି ସେହି ସମୟ ଓ ବର୍ତ୍ତମାନର ରାଜନୀତି ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ । ପୂର୍ବାହ୍ନ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ବରିଷ୍ଠ ଆଇନଜୀବୀ ଶିରୀଶ ବଲ୍ଲଭ ମିଶ୍ର ଯୋଗଦେଇଥିଲେ । ଉଭୟେ ଲେଙ୍ଗୁ ମିଶ୍ର ଛକ ଓ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍ ଠାରେ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମରେ ବରଗଡ଼ ମହିଳା ସମିତିର ସଭ୍ୟାଗଣ, କ୍ରୀଡ଼ା ସଂସଦର କ୍ରୀଡ଼ାବିତଗଣ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମକର୍ତ୍ତାଗଣ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇ ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ମୋବାଇଲ ଟାୱାର ବ୍ୟାଟେରୀ ଚୋରି: ଦୁଇ ଫେରାର୍, ଜଣେ ଅଟକ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି ଘଟଣା ଜନସାଧାରଣଙ୍କ ଚିନ୍ତା ବଢ଼ାଇ ଦେଇଥିବାବେଳେ, ବର୍ତ୍ତମାନ ମୋବାଇଲ୍ ଟାୱାର ଗୁଡ଼ିକୁ ଟାର୍ଗେଟ୍ କରାଯାଉଥିବା ଦେଖିବାକୁ ମିଳିଛି । ରବିବାର ସନ୍ଧ୍ୟାରେ ତିନି ଜଣ ବ୍ୟକ୍ତି ଏକ କାର୍ ଯୋଗେ ଆସି ଦୋବଲ ହାଟରେ ରହିଥିଲେ । ସେଠାରୁ ଜଣେ ସ୍ଥାନୀୟ ମୋବାଇଲ୍ ଟାୱାରରୁ ବ୍ୟାଟେରୀ ଚୋରି କରୁଥିବା ବେଳେ ମୋବାଇଲ୍ ସିସି କ୍ୟାମେରାରେ ଭଦ୍ରକରୁ ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେବାପରେ ଖବରପାଇ ସ୍ଥାନୀୟ ଲୋକ ଉକ୍ତ ଚୋରକୁ ଧରି ଧାମନଗର ପୋଲିସକୁ ଖବର ଦେଇଥିଲେ । ଧାମନଗର ପୋଲିସ ଅଭିଯୁକ୍ତକୁ ଥାନାକୁ ନେଇ ପଚରା ଉଚରା କରୁଛି । ଘଟଣାସ୍ଥଳରୁ ଅନ୍ୟ ଦୁଇଜଣ ଅଭିଯୁକ୍ତ କାର୍ ନେଇ ଫେରାର୍ ହୋଇଯାଇଛନ୍ତି । ଅଟକଥିବା ଅଭିଯୁକ୍ତ ଭଦ୍ରକର ବାଇପାସ୍ ନିକଟସ୍ଥ ଓଲଙ୍ଗ ଗ୍ରାମର ରାମ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ରଞ୍ଜିତ ସ୍ୱାଇଁ ବୋଲି ଜଣାପଡ଼ିଛି । ପୋଲିସ ଘଟଣା ଅଧିକ ତଦନ୍ତ କରୁଛି । ବିଶେଷକରି ରାତିର ଅନ୍ଧକାରରେ ମୋବାଇଲ୍ ଟାୱାର ଗୁଡ଼ିକରୁ ମୂଲ୍ୟବାନ ବ୍ୟାଟେରୀ ଚୋରି ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ଟେଲିକମ୍ କମ୍ପାନୀର ଟାୱାର୍ ଗୁଡ଼ିକରୁ ନିୟମିତ ଭାବେ ବ୍ୟାଟେରୀ ଚୋରି ହେବା ଫଳରେ ମୋବାଇଲ୍ ନେଟ୍‌ୱାର୍କ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି । ବିଦ୍ୟୁତ୍ ସଂଯୋଗ କାଟିଦେଲେ କିମ୍ବା ଲାଇନ୍ ଚାଲିଗଲେ ଏହି ବ୍ୟାଟେରୀ ଗୁଡ଼ିକ ଟାୱାର୍ ଚାଲୁ ରଖିବାରେ ସହାୟକ ହୋଇଥାଏ । କିନ୍ତୁ ଚୋରମାନେ ସୁଯୋଗ ଦେଖି ଟାୱାର୍‌ରୁ ଗୁରୁତ୍ୱପୂର୍ଣ୍ଣ ସରଞ୍ଜାମ ଗୁଡ଼ିକୁ ନେଉଥିବା ଅଭିଯୋଗ ହେଉଛି । ଏହି ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ଦେଖାଦେଇଥିବା ବେଳେ, ତୁରନ୍ତ ପୋଲିସ ପ୍ରଶାସନ ଏହି ଚୋରଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।



# ୨୧ ରେ ବିଧାନ ସଭା ଘେରିବେ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ସଂଘ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ସଂଘ ଉମରକୋଟର କାର୍ଯ୍ୟକାରିଣୀ ବୈଠକରେ ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ସଂଘ ସଭାପତି ମଙ୍ଗଳା ବେହେରାଙ୍କ ସଭାପତିତ୍ୱରେ ଉମରକୋଟ କଳା ବିକାଶ ପରିଷଦ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିନଥିବାରୁ ଆସନ୍ତା ୨୧ ତାରିଖରେ ବିଧାନସଭା ଘେରିବାର ନିଷ୍ପତ୍ତି ନିଆଯାଇଥିଲା । ସୂଚନା ଅନୁସାରେ ଶିକ୍ଷକ ମାନଙ୍କର ଦାବି ପୂରଣ କରିବା ପାଇଁ ସରକାର ଉଚ୍ଚ କ୍ଷମତା ସମ୍ପୂର୍ଣ୍ଣ କମିଟି ଗଠନ କରିଛନ୍ତି । ଉକ୍ତ କମିଟି ରିପୋଟ ମଧ୍ୟ ସରକାରଙ୍କୁ ଦେଇସାରିଛନ୍ତି କିନ୍ତୁ ସରକାର ଦାବି ପୂରଣ କରିବାରେ ଅହେତୁକ ବିଳମ୍ବ ହେତୁ ତିନି ଦଫା ଦାବି ଯଥା- ସମସ୍ତ ଏକ୍ସ-କ୍ୟାଡର ଶିକ୍ଷକ ମାନଙ୍କୁ ଗଣ ଶିକ୍ଷକ ନିଯୁକ୍ତି ଠାରୁ କ୍ୟାଡର ମାନ୍ୟତା ପ୍ରଦାନ, ନିୟମିତରୁ ବଞ୍ଚିତ ଗଣ ଶିକ୍ଷକ ମାନଙ୍କୁ ନିୟମିତର ମାନ୍ୟତା ଦେବା ଏବଂ OTET ପାସ୍ କରିଥିବା ଏକ୍ସ - କ୍ୟାଡର ଶିକ୍ଷକ ମାନଙ୍କୁ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି ନେଇ ଆସନ୍ତା ୨୧ ତାରିଖରେ ଅହୋରାତ୍ର ଧାରଣା ଦେବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ହୋଇଛି । ଉକ୍ତ ବୈଠକରେ ବ୍ଲକ ସଭାପତି ସଭାସିଂ ଗଣ୍ଡ ସମ୍ପାଦକ ସନ୍ତୋଷ କୁମାର ବାରିକ, ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ, ଉପସଭାପତି ହିମାଂଶୁ ସରକାର, ପିତାମ୍ବର ମାଳୀ, କାର୍ଯ୍ୟକାରୀ ସଭାପତି ବିରଞ୍ଚି ସୁନାନୀ, ଗଣ ମାଧ୍ୟମ ସଂଯୋଜକ ଫଗୁ ବଞ୍ଜରା ଓ ବ୍ଲକର ଅନ୍ୟାନ୍ୟ କର୍ମିକର୍ତ୍ତା ଉପସ୍ଥିତ ଥିଲେ ।

## ଡ୍ରେନେଜ୍ ମାଷ୍ଟର୍ ପ୍ଲାନ୍‌ର ପୂର୍ଣ୍ଣାଙ୍ଗ ଡିପିଆର୍ ବିଇଏମ୍‌ସିରେ ଉପସ୍ଥାପିତ

# ବର୍ଷାଜଳ ନିଷ୍କାସନ ପାଇଁ ୧୮୨୧ କୋଟିର ଖର୍ଚ୍ଚ ଆକଳନ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଡ୍ରେନେଜ୍ ମାଷ୍ଟର ପ୍ଲାନର ଦ୍ୱିତୀୟ ପର୍ଯ୍ୟାୟ ତଥା ପୂର୍ଣ୍ଣାଙ୍ଗ ଡିପିଆର୍ ବିଇଏମ୍‌ସିରେ ଉପସ୍ଥାପନ ହୋଇଛି । ଘରୋଇ ଏଜେନ୍ସି ଇକୋମାଟ୍ରିକ୍ସ ଏହା ଦାଖଲ କରିଛି । ବ୍ରହ୍ମପୁର ସହରର ଡ୍ରେନ୍ ବ୍ୟବସ୍ଥାକୁ ସୁଧାର ଆଣିବା, ସହରକୁ ବର୍ଷାଜଳ ଓ ନାଳ ପାଣିରୁ ଉଦ୍ଧାର କରିବା ଏବଂ ବର୍ଜ୍ୟ ଜଳ ପରିଚାଳନା ପାଇଁ ୧୮୨୧ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି ବୋଲି ଭାରପ୍ରାପ୍ତ ସିଟି ଇଞ୍ଜିନିୟର ବିକାଶ ପାଢ଼ୀ ସୂଚନା ଦେଇଛନ୍ତି । ଡିପିଆର୍ ତର୍ଜମା ଓ ଆବଶ୍ୟକ ସଂଶୋଧନ ପରେ ସେପ୍ଟେମ୍ବର ଶେଷ ସୁଦ୍ଧା ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ । ସେ କହିଛନ୍ତି ଯେ, ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମପୁର ସହରର ଜନସଂଖ୍ୟା ଓ ବର୍ଜ୍ୟଜଳ ଉତ୍ପାଦନକୁ ଦୃଷ୍ଟିରେ ରଖି ମାଷ୍ଟର ପ୍ଲାନ୍ କରାଯାଇଛି । ବୁରକୁଦିରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ହେବ । ଯେଉଁଠି ପ୍ରତିଦିନ ୮୫ ମିଲିୟନ୍ ଲିଟର ବର୍ଜ୍ୟଜଳ ପରିଚାଳନା କରିହେବ । ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ବାବଦରେ ୧୦୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଇକୋମାଟ୍ରିକ୍ସ ଆକଳନ କରିଥିବା ସେ କହିଛନ୍ତି । ନୂଆ ଡ୍ରେନ୍ ନିର୍ମାଣ ସମ୍ପର୍କରେ ଏଜେନ୍ସି ପକ୍ଷରୁ ଦର୍ଶାଯାଇଛି । ବାହାନା ଓ ସାପୁଆ ନାଳ ସହ ସୂର୍ଯ୍ୟ ନାଳର ପୁନରୁଦ୍ଧାର ଓ ବ୍ୟବହାର ଯୋଗ୍ୟ କରାଯିବ । ବାହାନା ନାଳର କ୍ୟାଚ୍‌ମେଣ୍ଟ ଏରିଆ ୩୦୮ କିମି ଥିବା ବେଳେ ଏହା ୪୧୯ କିମିକୁ ବଢ଼ିବ । ସେହିପରି ସାପୁଆ ନାଳର କ୍ୟାଚ୍‌ମେଣ୍ଟ ଏରିଆ ୧୪୬ରୁ ୨୪୧ କିମି ହେବ ଏବଂ ସୂର୍ଯ୍ୟ ନାଳର କ୍ୟାଚମେଣ୍ଟ ଏରିଆ ୩୦ରୁ ୩୯ କିମିକୁ ବଢ଼ିବ । ଅର୍ଥାତ୍ କ୍ୟାଚମେଣ୍ଟ ଏରିଆ ଅନୁସାରେ ତିନୋଟି ଯାକ ନାଳକୁ ସଂଯୋଗ ପାଇଁ ୨୧୫ କିମି ଅତିରିକ୍ତ ଡ୍ରେନ୍ ନିର୍ମାଣ ହେବ । ବିଇଏମ୍‌ସିରେ ଏବେ ୫୩୪.୫ କିମି ଡ୍ରେନ୍ ରହିଛି । ଯେଉଁଥିରୁ ୬୬.୫% ଡ୍ରେନ୍ ସ୍ଲାବ୍ କଭର ହୋଇଛି ଏବଂ ଅବଶିଷ୍ଟ ୩୩.୫ ପ୍ରତିଶତ ଡ୍ରେନ୍ ଖୋଲା ରହିଛି । ମାଷ୍ଟର ପ୍ଲାନ୍‌ରେ ଏଗୁଡ଼ିକୁ ଆଚ୍ଛାଦିତ କରାଯିବାର ପ୍ରାବଧାନ ରହିଛି । ନୂଆ ଡ୍ରେନ୍ ନିର୍ମାଣ ସହ ବିଇଏମ୍‌ସିର ମୋଟ୍ ଡ୍ରେନ୍ ୭୫୦ କିମି ହେବ । ଅତିରିକ୍ତ ଡ୍ରେନ୍ ନିର୍ମାଣ ଏବଂ ଅନ୍ୟ ଆବଶ୍ୟକତା ପାଇଁ ଜମି ଅଧିଗ୍ରହଣ ବାବଦରେ ୨୪୨ କୋଟି ଟଙ୍କା ଖର୍ଚ୍ଚ ହେବ । କ୍ୟାଚ୍‌ମେଣ୍ଟ ଏରିଆ ବୃଦ୍ଧି ଅନୁସାରେ ସାପୁଆ ନାଳକୁ ଅଧିକ ଶହେ କିମି ଡ୍ରେନ୍ ସଂଯୋଗ କରିବ । ସାପୁଆ ନାଳ ପର୍ଯ୍ୟବେସିତ ପ୍ରଥମ ଭାଗ ଡ଼ିପିଆର୍‌ରେ ସବୁଠାରୁ ବଡ଼ ଡ୍ରେନ୍ ୪.୫୬୩୫ କିମି ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଯାହା ପୁରୁଣା ବ୍ରହ୍ମପୁରର ଚନ୍ଦନିଆରୁ ଆରମ୍ଭ ହୋଇ ଉତରମୁଖୀ, ଶାନ୍ତିନଗର, ହରିଡ଼ାଖଣ୍ଡି ଛକ, ଲକ୍ଷ୍ମୀନୃସିଂହ ସାହିରୁ ଅନ୍ଧପସରା ରାସ୍ତା ନିକଟରେ ଏହା ସାପୁଆ ସହ ମିଶିବ । ସେହିଭଳି ଦ୍ୱିତୀୟ ଡ୍ରେନ୍ ଖଜୁରିଆ ରୋଡ୍ ଠାରୁ ଜଗନ୍ନାଥ ବିହାର ଦେଇ ଉତ୍ତରମୁଖୀ ଗାଁ ନିକଟରେ ଶେଷ ହେବ । ଯାହାର ଲମ୍ବ ୧.୪୨୩ କିମି ରହିବ । ତୃତୀୟ ଡ୍ରେନ୍ ଆଗୁଳା ବନ୍ଧ ନିକଟରୁ ହରିହର ନଗର ଦେଇ ଗୋସାଇଁନୂଆଗାଁ ଧୋବା ସାହି ଅତିକ୍ରମ କରି ୨୮ ନମ୍ବର ୱାର୍ଡ଼ରେ ସାପୁଆ ନାଳରେ ମିଶିବ ଏବଂ ଏହାର ଦୀର୍ଘତା ୧.୪୧୬ କିମି ହେବ ବୋଲି ଆକଳନ କରାଯାଇଛି । ଆଉ ଏକ ଡ୍ରେନ୍ ଗାନ୍ଧୀ ନଗର ଆଭ୍ୟନ୍ତରୀଣ ଅଞ୍ଚଳ ମଧ୍ୟ ଦେଇ ନିର୍ମାଣ ହେବ । ଏହାର ଦୀର୍ଘତା ୧.୨୩୦ କିମି ହେବ ବୋଲି ଇକୋ ମାଟ୍ରିକ୍ସ ଦାଖଲ କରିଥିବା ଡିପିଆର୍ ପ୍ରସ୍ତାବରୁ ଜଣାଯାଇଛି । ବର୍ତ୍ତମାନ ଏହି ମାଷ୍ଟର ପ୍ଲାନ୍ ଡିପିଆର୍ ବୈଷୟିକ ଅନୁଧ୍ୟାନ ଓ ଆବଶ୍ୟକ ସଂଶୋଧନ ପ୍ରକ୍ରିୟା ଶେଷ ହେବା ପରେ ମେଗା ଡ୍ରେନେଜ୍ ପ୍ରକଳ୍ପର ଚୂଡ଼ାନ୍ତ ମଞ୍ଜୁରୀ ଓ ପାଣ୍ଠି ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବ । ସରକାରୀ ସ୍ତରରେ ଗ୍ରୀନ୍ ସିଗ୍‌ନାଲ୍ ମିଳିବା କ୍ଷଣି ଏହି ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ଅନୁସାରେ ପ୍ରକଳ୍ପ ଆରମ୍ଭ ହୋଇଯିବ ବୋଲି ସିଟି ଇଞ୍ଜିନିୟର କହିଛନ୍ତି ।

## କୁଚିଣ୍ଡା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

# ଦୀନେଶ କୁମାର ନନ୍ଦ ପୁନଃ ସଭାପତି, ରିଙ୍କୁ କୁସୁମ ସାଧାରଣ ସମ୍ପାଦକ

କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ



ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ଉତ୍ସାହଜନକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଦୀନେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଗତ ଦୁଇ ବର୍ଷର ବିବିଧ ଉନ୍ନୟନମୂଳକ କାର୍ଯ୍ୟାବଳୀର ସମୀକ୍ଷା କରାଯାଇଥିଲା । ବିଶେଷ କରି ଅଚଳ ହୋଇପଡ଼ିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଫିସକୁ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ ନୂତନ ସୂଚନା ଅଧିକାରୀଙ୍କ ନିଯୁକ୍ତି କ୍ଷେତ୍ରରେ ସଂଘ ଗ୍ରହଣ କରିଥିବା ପ୍ରମୁଖ ଭୂମିକା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସଂଘର ଆଭ୍ୟନ୍ତରୀଣ ଏକତା, ସୌହାର୍ଦ୍ଦ୍ୟ ଓ ମାହୋଲକୁ ଅକ୍ଷୁର୍ଣ୍ଣ ରଖିବା ଲକ୍ଷ୍ୟରେ ପ୍ରତ୍ୟକ୍ଷ ନିର୍ବାଚନ ବଦଳରେ ସର୍ବସମ୍ମତିକ୍ରମେ ମନୋନୟନ ପଦ୍ଧତି ଆପଣାଯାଇଥିଲା । ଏଥିରେ ଆଗାମୀ ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି । ସଭାପତି ଦୀନେଶ କୁମାର ନନ୍ଦ ଉପସଭାପତି ପ୍ରଶାନ୍ତ ଶର୍ମା ଓ ହୃଦୟ ଚନ୍ଦ୍ର ପଟେଲ ସାଧାରଣ ସମ୍ପାଦକ ରିଙ୍କୁ କୁସୁମ ସମ୍ପାଦକ ଅଦିତ କୁମାର ପଣ୍ଡା କୋଷାଧ୍ୟକ୍ଷ ସୁଧିର କୁମାର ମହାନ୍ତି । ଏହି ନିର୍ବାଚନ ପ୍ରକ୍ରିୟାକୁ ବରିଷ୍ଠ ଖବରଦାତା ବିରଞ୍ଚି ଦର୍ଶୀ ଓ ସୁଧିର କୁମାର ମହାନ୍ତି ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିବା ବେଳେ ସମ୍ବଲପୁର ଜିଲ୍ଲା ଉପସଭାପତି ସତୀଶ କୁମାର ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପ୍ରଭାତ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିକାନ୍ତ ସାହୁଙ୍କ ସମେତ ପ୍ରକାଶ ଚନ୍ଦ୍ର ଶର୍ମା, ଅମୂଲ୍ୟ ମିଶ୍ର, ଜୟ କିଶୋର ମହାପାତ୍ର, ତପନ ଦାସ, ଦେବେନ୍ଦ୍ର ବେହେରା, ତନୟ ମହାପାତ୍ର, ସୌମ୍ୟରଞ୍ଜନ ଧଳ, ଲିପୁନ ଚାନ୍ଦ ସାହୁ ଓ ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନଙ୍କ ହକ୍ ଓ ସଂଘର ଅଭିବୃଦ୍ଧି ଉପରେ ନିଜ ନିଜର ମତ ରଖିଥିଲେ ।

# ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବାଦିକଟା-ଥପାପାଲି ଗ୍ରାମ ମଝିରେ ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ଅଁଳାପାଲି ଗ୍ରାମ ପଞ୍ଚାୟତ ଦନ୍ତାପାଲି ଗ୍ରାମର ସୁଦାମ ନାଏକଙ୍କ ୩୦ ବର୍ଷୀୟ ପୁଅ ଲିଙ୍ଗରାଜ ନାଏକ ବୋଲି ପରିବାର ଲୋକେ ଚିହ୍ନଟ କରିଛନ୍ତି । ଖବରପାଇ ବାଉଁଶୁଣୀ ଥାନା ଆଇଆଇସି ମହେନ୍ଦ୍ର ବେହେରା ଓ ଅନ୍ୟ ପୋଲିସ୍ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି । ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ହସ୍ତାନ୍ତର କରିଛି ।




# କାର୍ ସହ ଗଞ୍ଜେଇ ଜବତ: ୨ ଗିରଫ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ରିଜ୍ ଛକ ନିକଟରୁ କାର୍ ସହ ୨୦ କେଜି ୨୦୦ ଗ୍ରାମ୍ ଗଞ୍ଜେଇ ଜବତ ମାମଲାର ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୌଦ୍ଧ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଥାନା ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଉତ୍ତର ପ୍ରଦେଶ ରାଜ୍ୟର ନମ୍ବର୍ ଥିବା ଏକ କାର୍‌କୁ ବ୍ରିଜ୍ ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲେ, ସେଥିରୁ ଗଞ୍ଜେଇ ବାହାରିଥିଲା । ମାଜିଷ୍ଟ୍ରେଟ୍ ଓ ସାକ୍ଷୀ ମାନଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ତାହା ୨୦ କେଜି ୨୦୦ ଗ୍ରାମ୍ ହୋଇଥିଲା । ଏନେଇ ବୌଦ୍ଧ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରୁ ଗିରଫ ହୋଇଥିବା ୨ଜଣ ଆନ୍ତଃ ରାଜ୍ୟ ଗଞ୍ଜେଇ ମାଫିଆଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନୀ ସୂଚନା ଦେଇଛନ୍ତି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୬୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୦୯।୨୦୨୬, ଭାଦ୍ରବ ଦ୩୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୩୫।୦୫ ଚନ୍ଦ୍ରୋଦୟ- ଦିଘ୯।୧୧।୩୨**

ଚତୁର୍ଥୀ ପ୍ରାଘ ୭।୪୫ ପର୍ଯ୍ୟନ୍ତ, ସ୍ୱାତୀ ନକ୍ଷତ୍ର ଦିଘ ୩।୨୪ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୭।୪୫ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଦିଘ ୧୦।୩୧ ମଧ୍ୟେ ଦିଘ ୧୨।୫୫ ଗତେ ଦିଘ ୧।୧୫ ମଧ୍ୟେ । **ପର୍ବୋତ୍ସବ-** ନୂଆଖାଇ ପର୍ବ ଓ ଋଷି ପଞ୍ଚମୀ ।



**ମେଷ:** ଚାକିରୀ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ବିଶୃଙ୍ଖଳା ଦେଖାଦେବ । ସାମାଜିକ କ୍ଷେତ୍ରରେ ଅସମ୍ମାନିତ ହୋଇପାରନ୍ତି । ମନ ଅସ୍ଥିର ରହିବ ।



**ବୃଷ:** ହଠାତ୍ ଶୁଭ ଖବର ପାଇ ଆନନ୍ଦିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଖୁସିର ଲହରୀ ଖେଳିବ । ଦୂରଯାତ୍ରା କରି ସଫଳତା ହାସଲ କରିପାରନ୍ତି ।



**ମିଥୁନ:** ନିର୍ମାଣ କାର୍ଯ୍ୟ ଆପଣଙ୍କର ଶେଷ ପର୍ଯ୍ୟାୟରେ ପହଞ୍ଚିବ । ନୂତନ କାର୍ଯ୍ୟ ମଧ୍ୟ ହାତକୁ ଆସିପାରେ । ଆୟର ପରିମାଣ ଅଧିକ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ସୁଖୀ ହେବେ ।



**କର୍କଟ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ବିବାଦୀୟ ପରିସ୍ଥିତି ଠାରୁ ଦୂରେଇ ରହିବା ଶ୍ରେୟସ୍କର । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।



**ସିଂହ:** ଆର୍ଥିକ କ୍ଷେତ୍ର ସ୍ୱଚ୍ଛଳ ରହିବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ । ଶରୀର ସୁସ୍ଥ ରହିବ ।



**କନ୍ୟା:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ । ଆୟର ପରିମାଣ ଅଧିକ ହେବ । ଗୃହେ ଖୁସିର ବାତାବରଣ ଖେଳିବ । ସାମାଜିକ ସ୍ତରରେ ସମ୍ମାନର ଅଧିକାରୀ ହେବେ ।



**ତୁଳା:** ଆଜି ଆପଣଙ୍କ ପାଇଁ ଦିନଟି ଆନନ୍ଦଦାୟକ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ବ୍ୟବସାୟରେ ଲାଭବାନ୍ ହେବେ । ଘରେ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ ।



**ବିଛା:** ବ୍ୟବସାୟରେ କ୍ଷତି ଘଟିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଓ ଅସହଯୋଗ ଦେଖାଦେବ । ପରିଶ୍ରମର ମାତ୍ରା ଅଧିକ ହେବ । ମହିଳାମାନେ ଗର୍ବୀ ହେବାର ସୂଚନା ।



**ଧନୁ:** ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ ।



**ମକର:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ । ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ପରିବାରରେ ଅଶାନ୍ତି ଦେଖାଦେବ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଖର୍ଚ୍ଚର ମାତ୍ରା ଅଧିକ ହେବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** ନୂତନ କାର୍ଯ୍ୟମାନ ହାତକୁ ଆସିପାରେ । ଦେହ ଓ ମନ ଭଲ ରହିବ । ଘରେ ଖୁସିର ବାତାବରଣ ଖେଳିବ । ଶତ୍ରୁମାନେ ପରାସ୍ତ ହେବେ । ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ସୃଷ୍ଟି ହୋଇପାରେ ।



**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଦେହ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ କର୍ମତତ୍ପର ହେବେ । ରୋଜଗାର ଭଲ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୦୯।୨୦୨୬, ଭାଦ୍ରବ ଦ୩୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୩୬।୧୭ ଚନ୍ଦ୍ରୋଦୟ- ଦିଘ୧୦।୦୫।୪୦**

ପଞ୍ଚମୀ ଦିଘ ୮।୫୮ ପର୍ଯ୍ୟନ୍ତ, ବିଶାଖା ନକ୍ଷତ୍ର ସଂଘ ୫।୨୪ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର ଦିଘ ୧୦।୫୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର । ଦିଘ ୧୦।୫୧ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ଦିଘ ୮।୫୮ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୮ ଗତେ ଦିଘ ୭।୧୬ ମଧ୍ୟେ ଦିଘ ୧୦।୧୩ ଗତେ ଦିଘ ୧୧।୧୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ଓ ଦାହାଲୀଳା ମାସାନ୍ତ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବ୍ୟାଙ୍କର ଟଙ୍କା ଏଆଇ କରିବ ହ୍ୟାକ

ବ୍ୟାଙ୍କରେ ଜୀବନ ସାରାର ସଞ୍ଚୟ ରଖି ଭାବୁଛନ୍ତି ଏହା ସମ୍ପୂର୍ଣ୍ଣ ସୁରକ୍ଷିତ। ତେବେ ଆଗକୁ ଏହା ସମ୍ପୂର୍ଣ୍ଣ ଭୁଲ ହୋଇପାରେ। ଏହି ଖବର ଆପଣଙ୍କର ନିଦ ଉଡାଇ ଦେବ। ବ୍ରିଟେନର ଟପ୍ ସିକ୍ୟୁରିଟି ଏକ୍ସପର୍ଟ ଦେଇଛନ୍ତି ଭୟଙ୍କର ଚେତାବନୀ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ବ୍ୟବହାର କରି ସାଇବର ଅପରାଧୀମାନେ କରିବେ ଡକାୟତି। ଆକାଉଣ୍ଟରୁ ଉଡାଇ ନେବେ ଟଙ୍କା। ଆଗାମୀ କିଛି ମାସ ମଧ୍ୟରେ ସାଇବର ଅପରାଧୀଙ୍କ ହାତରେ ଲାଗିପାରେ ଏଆଇ ଆଧାରିତ ହ୍ୟାକିଂ ଟୁଲ୍। ଏହା ଦ୍ୱାରା ପାସୱାର୍ଡ ଚୋରି, ଆକାଉଣ୍ଟ ହ୍ୟାକ୍ ଏବଂ ଆର୍ଥିକ ଠକେଇର ଆଶଙ୍କା ବଢ଼ିପାରେ। ମାନବ ଜୀବନକୁ ସହଜ କରିବା ପାଇଁ ଯେଉଁ ଏଆଇ ଟେକ୍ନୋଲୋଜି ତିଆରି ହୋଇଥିଲା...ଏବେ ତାହା ସାଇବର ଅପରାଧୀଙ୍କ ପାଇଁ ହେବ ନୂଆ ଅସ୍ତ୍ର। ଏଆଇର ସହାୟତାରେ ସାଇବର ଆକ୍ରମଣ ହେବ ଆହୁରି ଦ୍ରୁତ, ଜଟିଳ ଏବଂ ଭୟଙ୍କର। ହ୍ୟାକରଙ୍କ ପାଇଁ ପାସୱାର୍ଡ ଭାଙ୍ଗିବା ହେବ ଆହୁରି ସହଜ। ବ୍ରିଟେନର ଏଆଇ ସୁରକ୍ଷା ବିଶେଷଜ୍ଞମାନେ ଦେଇଛନ୍ତି ବଡ଼ ଚେତାବନୀ। ତାଙ୍କର କହିବା ଅନୁସାରେ, ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅନେକ ଏଆଇ ମଡେଲରେ ସେଫ୍ଟି ଗାର୍ଡରେଲ୍ ବା ସୁରକ୍ଷା ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଏଆଇକୁ ପାସୱାର୍ଡ ଚୋରି, ହ୍ୟାକିଂ କିମ୍ବା ଅନ୍ୟ ଅପରାଧିକ କାର୍ଯ୍ୟରୁ ରୋକିଥାଏ। କିନ୍ତୁ ଚାଇନ୍ ଲ୍ୟାବ୍ ଏଭଳି ଏଆଇ ମଡେଲ ବଜାରକୁ ଆଣିଛି, ଯାହାର ସେଫ୍ଟି ଫିଚର୍ସ କେହି ବି ହଟାଇ ପାରିବେ। କିଛି ଚାଇନ୍ ନିର୍ମିତ ଏଆଇ ମଡେଲ କାରଣରୁ ସିକ୍ୟୁରିଟି ଲକ୍ ଖୋଲିଯାଉଛି। ଖୁବ୍ ଶୀଘ୍ର ଏହା ରୁଷିଆନ୍ କିମ୍ବା ନାଇଜେରିଆନ୍ ହ୍ୟାକରଙ୍କ ହାତରେ ଲାଗିଯାଇପାରେ। ଯାହାକି ବିଶ୍ୱର ସବୁଠାରୁ ଜଟିଳ ପାସୱାର୍ଡକୁ ମଧ୍ୟ ଭାଙ୍ଗି ଦେବ ଏବଂ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଖାଲି କରିଦେବ। ସବୁଠାରୁ ଭୟଙ୍କର କଥା ହେଉଛି ଯେ ଆମର ବ୍ୟାଙ୍କଗୁଡ଼ିକ ମଧ୍ୟ ଏହି ଏଆଇ ଆକ୍ରମଣ ପାଇଁ ପ୍ରସ୍ତୁତ ନୁହଁ। ଯଦି ହ୍ୟାକର୍ସ ଆକ୍ରମଣ କରନ୍ତି, ତେବେ ବ୍ୟାଙ୍କଗୁଡ଼ିକ ପାଖରେ ଆପଣଙ୍କ ଟଙ୍କା ସଞ୍ଚୟ କରିବା ପାଇଁ କିଛି ସମ୍ଭବ ନୁହେଁ, ମାତ୍ର କିଛି ଘଣ୍ଟା ରହିବ। ନିକଟରେ, ଆମେରିକାର ଏଆଇ ଲ୍ୟାବ୍ସ, ଆନ୍ଥ୍ରୋପିକ, ଏକ ବ୍ରିଟିଶ ସୁରକ୍ଷା ପ୍ରତିଷ୍ଠାନକୁ ଏହାର ସଦ୍ୟତମ ମଡେଲ ପରୀକ୍ଷଣ କରିବାରୁ ମନା କରିଛି। ବିଶେଷଜ୍ଞଙ୍କ ମତରେ ଆମେରିକା ଏବେ ବି ଏଆଇକୁ ବିପଜ୍ଜନକ ଅସ୍ତ୍ର ଭାବରେ ଦେଖେ। 'ଆନ୍ଥ୍ରୋପିକ' ନିଜେ ସ୍ୱୀକାର କରିଛି ଯେ ଚଳିତ ବର୍ଷ କିଛି ଲୋକ ଏଆଇ ଦ୍ୱାରା ଜୈବିକ ଅସ୍ତ୍ର ତିଆରି ଚେଷ୍ଟା କରୁଥିଲେ। ତେବେ ସେମାନେ ସଫଳ ହୋଇପାରିନଥିଲେ। ଏହାର ଅର୍ଥ ଏଆଇ ଏବେ ଏକ ଅନିୟନ୍ତ୍ରିତ ଜିନ୍ ପାଲଟିଛି ଯାହା କୌଣସି ମୁହୂର୍ତ୍ତରେ ବୋତଲରୁ ବାହାରକୁ ଆସିପାରେ ଏବଂ ସାଧାରଣ ଲୋକଙ୍କ ଜୀବନକୁ ଧ୍ୱଂସ କରିପାରେ।ଆମେରିକା କିମ୍ବା ବ୍ରିଟେନ୍ ଏଆଇରେ ଯେଉଁ ଭଳି ସେଫଟି ଗାର୍ଡରେଲ୍ସ ଥାଏ। ଯଦି କୌଣସି ହ୍ୟାକର ଏହାକୁ ବ୍ରେକ୍ କରିଦିଏ କିମ୍ବା ଫ୍ରଡ୍ କରିବାକୁ କୋଡ୍ ମାଗେ, ତେବେ ଏଆଇ ତୁରନ୍ତ ରିଫ୍ୟୁଜାଲ ମେସେଜ୍ ଦେଇଥାଏ। ଅର୍ଥାତ ନିଜେ ମନା କରିଦିଏ। କିନ୍ତୁ ଚାଇନ୍ ଏଭଳି ଏଆଇ ମଡେଲ ତିଆରି କରୁଛି, ଯାହାର ସେଫ୍ଟି ଫିଚର୍ସକୁ ସହଜରେ ହ୍ୟାକ୍ କରିହେବ। ଯଦି ଏଆଇର ସେଫ୍ଟି ଲକ୍ ଉଠିଗଲେ, ଏହା ଏକ ମେସିନ୍ ହୋଇଯିବ। ଯାହା ଆଖି ପିଛୁଳାକେ ବିଶ୍ୱର ସବୁଠାରୁ ଜଟିଳ ଏବଂ ଉନ୍ନତ ପାସୱାର୍ଡଗୁଡ଼ିକୁ ମଧ୍ୟ କ୍ରାକ୍ କରିଦେବ। ତେବେ ପ୍ରଶ୍ନ ହେଉଛି ଏଆଇ ଆମ ଜୀବନକୁ ସହଜ କରିବ, ନା ଏହି ଟେକ୍ନୋଲୋଜି ହିଁ ଆମ ପାଇଁ ସବୁରୁ ବଡ଼ ସାଇବର ବିପଦ ପାଲଟିବ? କାରଣ ଆଗକୁ ଦିନରେ ସାଇବର ଅପରାଧୀଙ୍କ ହାତରେ ଯଦି ଏଆଇ ଭଳି ଶକ୍ତିଶାଳୀ ଅସ୍ତ୍ର ପହଞ୍ଚିଯାଏ, ତେବେ ବିପଦ କେବଳ ଆପଣଙ୍କ ମୋବାଇଲ୍ କିମ୍ବା ପାସୱାର୍ଡ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ, ଡାଟା ଏବଂ ବର୍ଷ ବର୍ଷର ପରିଶ୍ରମର ଟଙ୍କା ସବୁକିଛି ନେଇପାରନ୍ତି ସାଇବର ଅପରାଧୀ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### "ପୂଜା"

ଶ୍ରଦ୍ଧେୟ ଭକ୍ତବୃନ୍ଦ ପୂଜାର ତାତ୍ପର୍ଯ୍ୟ ହେଉଛି "ପୂର୍ଣ୍ଣ ଜାଗ୍ରତ" ଈଶ୍ୱରଙ୍କ ପାଖରେ ପୂର୍ଣ୍ଣ ସମର୍ପଣ। ଲୋକ ଦେଖାଣିଆ ନ ହୋଇ ଈଶ୍ୱରଙ୍କ ପାଖରେ କାୟ, ମନ, ବାକ୍ୟକୁ ଅର୍ପଣ କରିବା ହିଁ ସୋହଁ। ସବୁ ସେଇ ସେ ଅର୍ଥ ଈଶ୍ୱର "ଈ" ଏହି ଅକ୍ଷରଟି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅକ୍ଷର ବ୍ରହ୍ମ। ତେଣୁ ଯାହାର ଇଙ୍ଗିତର କୋଟୀ କୋଟୀ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ସଂହାର ତାକୁ ଆମେ କଣ ଦେଇ ପୂଜା କରିପାରିବା। ସେଇଠି କେବଳ ଭାବ, ଭକ୍ତି, ପ୍ରେମର ଭୋଗକୁ, ଉତ୍ସର୍ଗୀକୃତ କରି ପାରିଲେ ଈଶ୍ୱରଙ୍କ ପୂଜାର ଶ୍ରେଷ୍ଠ ଉପହାର ଭକ୍ତର ହୋଇଥାଏ। ଏହାହିଁ ସରଳ ମାର୍ଗ। ତେଣୁ ଭଗବାନ ଶବ୍ଦଟି ହେଉଛି "ଭ" ଭବସଂସାରରୁ ଯେ ତାରଣ କରି ଭକ୍ତକୁ ଯେଉଁ ପ୍ରଭୁ ଶ୍ରେଷ୍ଠ ମାର୍ଗ ପ୍ରଦାନ କରିଥାଆନ୍ତି ସେହିଁ ଭଗବାନ।

"ଗ"ର ଅର୍ଥ ହେଉଛି ବା ଆକାଶ ପରି ଯେ ସର୍ବବ୍ୟାପକ ସେ ହିଁ ଈଶ୍ୱର ବା ଭଗବାନ ତୃତୀୟ ଅକ୍ଷରଟି ହେଲା "ବା" ବାୟୁ ବା ପବନ ରୂପରେ ସକଳ ଜୀବ ଦେହରେ ପ୍ରାଣବାୟୁ ହୋଇ ଜୀବକୁ ଜୀବ ଜଗତରୁ ଯେ ସକଳ ଆନନ୍ଦ ପ୍ରଦାନ କରିଥାଆନ୍ତି ସେ ହିଁ ଭଗବାନ ଚତୁର୍ଥ ଅକ୍ଷରଟି ହେଲା "ନ" ନ ଅକ୍ଷରଟି ହେଲା ନକରାତ୍ମକ ନର୍କରୁ ଭକ୍ତଙ୍କୁ ଉଦ୍ଧାର କରି ନର ନାରାୟଣ ରୂପରେ ଜଗତରୁ ଜୀବକୁ ଶିବ ତତ୍ତ୍ୱ ବା ସ୍ୱହଂ ମନ୍ତ୍ରରେ ଦୀକ୍ଷିତ କରି ସକଳ ପାପ ତାପରୁ ମୁକ୍ତ କରି ପରବ୍ରହ୍ମ ତତ୍ତ୍ୱକୁ ଗୁରୁ ଶିଷ୍ୟ ପରମ୍ପରାରେ ସୁଦୃଢ଼ କରି ଜଗତରେ ସମଭାବର ସମନ୍ୱୟ ସୃଷ୍ଟି କରିଥାଆନ୍ତି। ସେହିଁ ଭଗବାନ, ସେହିଁ ଈଶ୍ୱର, ସେହିଁ ଜଗତଗୁରୁ, ଏହି ଭାବନାରେ ଜୀବ ବ୍ରତୀ ହୋଇ ସକଳ ଦେହେ ନାରାୟଣଙ୍କୁ ଦର୍ଶନ କରିବାହିଁ ପୂଜା। ହରିଓଁ।

# ପରମ୍ପରା ଓ ସଂସ୍କୃତିର ପର୍ବ ନୂଆଁଖାଇ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪



ଓଡିଶାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଇଥାଏ। ସେହି ପର୍ବ ମଧ୍ୟରୁ ଅନ୍ୟତମ ପର୍ବ ହେଉଛି ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଏହା ଏକ ଗଣ ପର୍ବ ବୋଲି ମଧ୍ୟ କୁହାଯାଇଥାଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହି ପର୍ବ ପାଳନ କରାଯାଉଥିଲେ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ତଥା ଦେଶର ବିଭିନ୍ନ ଅଞ୍ଚଳରେ ରହୁଥିବା ପଶ୍ଚିମାଞ୍ଚଳର ଲୋକେ ଏହି ପର୍ବକୁ ବେଶ୍ ଧୁମଧାମରେ ପାଳନ କରିଥାନ୍ତି। ଏହା ଏକ କୃଷି ଭିତ୍ତିକ ଗଣପର୍ବ। ନୂଆ ଫସଲକୁ ପ୍ରଥମେ ନିଜର ଇଷ୍ଟଦେବାଦେବୀଙ୍କୁ ଅର୍ପଣ କରିବା ହେଉଛି ନୂଆଁଖାଇ ପର୍ବର ମୁଖ୍ୟ ଉଦ୍ଦେଶ୍ୟ। ବର୍ଷର ପ୍ରଥମ ଫସଲ ବା ଶସ୍ୟକୁ ନୈବେଦ୍ୟ ଭାବରେ ଅର୍ପଣ କରିବାର ପ୍ରଥା କାହିଁ ଯୁଗ ଯୁଗରୁ ଚାଲିଆସିଛି। ଏହି ନୈବେଦ୍ୟ ଅର୍ପଣ ବେଳେ ସମଗ୍ର ମାନବ ସମାଜ ପାଇଁ ଅନ୍ନର ଅଭାବ ନହେଉ ବୋଲି ମଧ୍ୟ ଇଷ୍ଟଦେବାଦେବୀଙ୍କ ପାଖରେ ପ୍ରାର୍ଥନା କରାଯାଇଥାଏ। ଭାରତ ଏକ ସଂସ୍କୃତି ସଂପନ୍ନ ଦେଶ। ଦେଶର ବିଭିନ୍ନ ରାଜ୍ୟରେ ନବ ଉତ୍ପାଦିତ ଶସ୍ୟକୁ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବା ନେଇ ପୋଙ୍ଗଲ, ବୈଶାଖୀ ଓ ବିହୁ ଭଳି ଅନେକ ପର୍ବ ପାଳନ କରାଯାଇଥାଏ। କିନ୍ତୁ ପଶ୍ଚିମାଞ୍ଚଳର ନୂଆଁଖାଇ ପର୍ବର ସ୍ୱତନ୍ତ୍ରତା ରହିଛି। କେବେ ଠାରୁ ଏହି ପର୍ବ ପାଳନ କରାଯାଇଛି ତାର ସଠିକ ଐତିହାସିକ ତଥ୍ୟ କେହି କେବେ ଦେଇପାରୁନାହାଁନ୍ତି। ପୂର୍ବରୁ ଏହି ପର୍ବ କେବଳ କୃଷକ ପରିବାର ମଧ୍ୟରେ ସିମୀତ ଥିଲା କିନ୍ତୁ ପର୍ବକୁ ଏବେ ସବୁ ବର୍ଗର ଲୋକେ ଧୂମଧାମରେ ପାଳନ କରୁଛନ୍ତି। ଦେଶ ସ୍ୱାଧୀନ ହେବା ପୂର୍ବରୁ ରାଜା ରାଜୁଡା ଶାସନ ଥିଲା। ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବ ଦେବୀଙ୍କ ନାମକୁ ନେଇ ନୂଆଁଖାଇର ତିଥି ଧାର୍ଯ୍ୟ କରୁଥିଲେ। ଏଣୁ ନୂଆଁଖାଇ ପାଳନର ତିଥି ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ମଧ୍ୟ ଭିନ୍ନ ଭିନ୍ନ ହେଉଥିଲା। ରାଜା ରାଜୁଡା ଶାସନରେ ରାଜାମାନେ ଭାଦ୍ରବ ମାସର ଶୁକ୍ଳପକ୍ଷର ବିଭିନ୍ନ ତିଥିରେ ଏହି ପର୍ବ ପାଳନ କରୁଥିଲେ। କିନ୍ତୁ ୧୯୯୧ ମସିହାରେ ପଶ୍ଚିମାଞ୍ଚଳ ବା ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବୀମାନେ ମିଳିତ ଭାବେ ଆଲୋଚନା କରି ଏହି ପର୍ବକୁ ଗୋଟିଏ ତିଥିରେ ସମସ୍ତେ ପାଳନ କରିବା ପାଇଁ ଏକମତ ହୋଇଥିଲେ। ଏଣୁ ସର୍ବସମ୍ମତି ଅନୁସାରେ ଗଣେଶ ପୂଜା ବା ଗଣେଶ ଚତୁର୍ଥୀର ପରଦିନ ଋଷି ପଞ୍ଚମୀ ତିଥିରେ ସମଗ୍ର ପଶ୍ଚିମ ଓଡ଼ିଶାର ଲୋକେ ଏହି ପର୍ବକୁ ପାଳନ କରି ଆସୁଛନ୍ତି। ଏକ ଭିନ୍ନ କଥା ହେଉଛି ଭାଦ୍ରବ ମାସରେ ଧାନ (ସମଗ୍ର ଓଡ଼ିଶାର ମୁଖ୍ୟ ଫସଲ) ପରିପକ୍ୱ ହୋଇ ନଥାଏ କିନ୍ତୁ ଏହି ମାସରେ ନୂଆଁଖାଇ ପର୍ବ ପାଳିତ ହୁଏ। ଏହାର ଏକ ସ୍ୱତନ୍ତ୍ର ଉଦେଶ୍ୟ ମଧ୍ୟ ରହିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଲୋକେ ଉତ୍ପାଦିତ ଫସଲ ଉପରେ ନିର୍ଭର କରିଥାନ୍ତି। ଏହି ନୂଆଁଖାଇ ପର୍ବ ପାଳନ ନକରାଯିବା ପର୍ଯ୍ୟନ୍ତ ନୂଆ ଫସଲ ବ୍ୟବହାର କରାନଯିବା ଭଳି ଅଘୋଷିତ ନିୟମ ରହିଛି। ସବୁ କ୍ଷେତ ବା ଜମିର ଧାନ ଫସଲ ନପାଚିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଭଳି ସମ୍ବଳ ସବୁ ବର୍ଗର ଲୋକଙ୍କ ପାଖରେ ନଥାଏ। ଏଣୁ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଏହିପର୍ବ ପାଳନ ପାଇଁ ଭାଦ୍ରବ ମାସର ଶୁକ୍ଳ ପକ୍ଷକୁ ସଠିକ ସମୟ ଭାବେ ନିର୍ଦ୍ଧାରଣ କରାଯାଇଛି। ଛୋଟ କିସମର ଧାନ ଫସଲ ନୂଆଁଖାଇ ସମୟ ବେଳକୁ ଅମଳ କରାଯାଇ ପାରୁଥିବାରୁ ଏହି ଶସ୍ୟକୁ ଦେବଦେବୀଙ୍କ ପାଖରେ ଅର୍ପଣ କରାଯାଉଛି। ସାଧାରଣ ଭାବେ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଏ। ନୂଆଁଖାଇ ପୂର୍ବଦିନକୁ 'ଉପାସ' ବୋଲି କୁହାଯାଏ। ଏହି ଦିନ ଗ୍ରାମର ଦେବୀ ପୂଜକ ଉପବାସ ରହି ଧାର୍ଯ୍ୟ କରାଯାଇଥିବା ଲଗ୍ନରେ କ୍ଷେତକୁ ଯାଏ ଓ ସେଠାରେ ଯଥାବିଧି ପୂଜା ଅର୍ଚ୍ଚନା କରିବା ପରେ ପାଚିଲା ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣିଥାନ୍ତି। ନୂଆ ଧାନକେଣ୍ଡାକୁ ଗ୍ରାମ ଦେବତୀଙ୍କ ପୀଠରେ ଲାଗି କରାଯାଇ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗ୍ରାମର ସବୁ ପରିବାରକୁ ଏହି ଧାନକେଣ୍ଡା ବଣ୍ଟା ଯାଇଥାଏ। ପୂର୍ବରୁ ପରିବାରର ଲୋକେ ସଂଗ୍ରହ କରିଥିବା ଧାନକେଣ୍ଡା ଓ ପୂଜକ ଦେଇଥିବା ଧାନକେଣ୍ଡାକୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଇଥାଏ। ଦ୍ୱିତୀୟ ଦିନଟି ନୂଆଁଖାଇ ପର୍ବର ମୁଖ୍ୟ ଦିନ। ଏଥି ପାଇଁ ପୂର୍ବରୁ ଘରଦ୍ୱାରକୁ ଗୋବରରେ ଲିପା ଯାଇଥାଏ ଓ ଘରର ବ୍ୟବହୃତ ଲୁଗା ପଟା ଓ ଘରର ସାମଗ୍ରୀକୁ ସଫା କରାଯାଇଥାଏ। ବାହାରେ ରହୁଥିବା ପରିବାରର ଲୋକଙ୍କୁ ପର୍ବରେ ଉପସ୍ଥିତ ରହିବା ପାଇଁ ଡକାଯାଇଥାଏ। ଏକ ପ୍ରମୁଖ କଥା ହେଉଛି ପରିବାରର ମୁଖ୍ୟ ଯେଉଁଠାରେ ରହୁଥାନ୍ତି ସେଠାରେ ହିଁ ସମସ୍ତେ ମିଶି ଏହି ପର୍ବ ପାଳନ କରିଥାନ୍ତି। ପରିବାରର ମୁଖ୍ୟ ନୂଆଁବସ୍ତ୍ର ପିନ୍ଧି ଶୁଦ୍ଧପୂତ ହୋଇ ଇଷ୍ଟଦେବାଦେବୀ ଓ ପିତୃପୁରୁଷଙ୍କୁ କୁରେଇ ପତ୍ରରେ ନୂଆ ଧାନରେ ପ୍ରସ୍ତୁତ ନୂଆଁକୁଣ୍ଡାକୁ ନୈବେଦ୍ୟ ଭାବେ ଅର୍ପଣ କରିବା ପରେ ସମସ୍ତଙ୍କୁ ଏହି ନୂଆଁ କୁଣ୍ଡାକୁ ବଣ୍ଟାଯାଇଥାଏ। ପରେ ପରିବାରର ସମସ୍ତେ ଏକତ୍ରିତ ଭାବେ ଏହାକୁ ଭକ୍ଷଣ କରିଥାନ୍ତି। ନବାନ୍ନ ଭକ୍ଷଣ ପରେ ଆରମ୍ଭ ହୁଏ ଜୁହାର ଭେଟ। କନିଷ୍ଠ ମାନେ ବରିଷ୍ଠ ମାନଙ୍କ ପାଦଛୁଇଁ ପ୍ରଣାମ/ଜୁହାର ହୁଅନ୍ତି। ପାରିବାରିକ ଜୁହାର ଭେଟ ସାମୁହିକ ଭାବେ ପାରମ୍ପରିକ ଖାଦ୍ୟ ସମସ୍ତଙ୍କୁ ପରସା ଯାଇଥାଏ। ନୂଆଁଖାଇର ତୃତୀୟ ଦିନକୁ ନୂଆଁଖାଇ ବାସି କୁହାଯାଏ। ପୂର୍ବଦିନରୁ ବଳକା ଥିବା ଖାଦ୍ୟକୁ ଏହି ଦିନ ଖାଇବାର ଏକ ପରମ୍ପରା ମଧ୍ୟ ରହିଛି। ନୂଆଁଖାଇର ଜୁହାର ଭେଟର ପରିବର୍ଦ୍ଧିତ ସଂସ୍କରଣ ଏବେ ନୂଆଁଖାଇ ଭେଟଭାଟ ଭାବେ ପାଳନ କରାଯାଉଛି। ଏହାକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କୁହାଯାଇପାରେ। ଏଥିରେ ରହିଛି ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ମା ମାଟିର ବାସ୍ନା। ଭାଇଚାରା ଓ ସୌହାର୍ଦ୍ଦ୍ୟର ଭାବ ଉଦ୍ରେକ କରିଥାଏ ଏହି ଭେଟଭାଟ। ଯଦିଓ ପ୍ରାଚୀନ କାଳରୁ ଏହି ପର୍ବ ପାଳିତ ହୋଇଆସୁଥିଲା କିନ୍ତୁ ସାମ୍ପ୍ରତିକ ସମୟରେ ଏହି ପର୍ବ ଅଧିକ ଲୋକପ୍ରିୟ ହୋଇପାରିଛି। ଏହି ଦିନଟିକୁ ସରକାର ଛୁଟି ଦିନ ଭାବେ ଘୋଷଣା କରୁଥିବାରୁ ଏହି ପର୍ବର ଗୁରୁତ୍ୱ ଅଧିକ ବଢ଼ିଯାଇଛି ଓ ଲୋକେ ଏହାକୁ ଆନନ୍ଦରେ ପାଳନ କରିବାର ସୁଯୋଗ ପାଉଛନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ଏହି ପର୍ବକୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ପାଳନ କରାଯାଉଛି। ଇତିହାସର ତଥ୍ୟ ଅନୁସାରେ ୧୮୫୩ ମସିହା ବେଳେ କଳାହାଣ୍ଡିରେ ମହାରାଜା ଉଦିତ ପ୍ରସାଦ ଦେବଙ୍କ ଶାସନ ଥିଲା। ମହାରାଜା କଳାହାଣ୍ଡିରେ କୃଷିର ବିକାଶ ପାଇଁ ସମ୍ବଲପୁରର କେତେକ ସଂପ୍ରଦାୟର ଲୋକଙ୍କୁ ଆଣି କଳାହାଣ୍ଡିରେ ବସବାସ କରିବାର ସୁଯୋଗ ଦେଇଥିଲେ। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକର ସମଲେଇଟିକ୍ରା ଗ୍ରାମର ଗ୍ରାମବାସୀ ମାନେ ଏକ ଭିନ୍ନ ଢ଼ଙ୍ଗରେ ନୂଆଁଖାଇ ପର୍ବ ପାଳନ କରିଥାନ୍ତି। ସେଇ ଗାଁରେ ପାରମ୍ପରିକ ପୂଜାର୍ଚ୍ଚନା ସହ ସାରା ଗାଁକୁ ଆମ୍ବତୋରଣରେ ସଜା ଯାଇଥାଏ। ଗାଁର ସବୁଲୋକେ ଏକାଠି ହୋଇ ଗାଁ ମଝିରେ ଥିବା ମନ୍ଦିରରେ ନୂଆ ଖାଇଥାନ୍ତି। ପ୍ରକୃତପକ୍ଷେ ମା ମାଟି ଓ ମଣିଷର ଯେଉଁ ଅତୁଟ ସମ୍ପର୍କ ରହିଛି ସେଇ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତଥା ସମାଜରେ ଭ୍ରାତୃଭାବ ପ୍ରତିଷ୍ଠା ହେଉଛି ଏହି ଗଣପର୍ବର ଉଦେଶ୍ୟ ସର୍ବୋପରି ଆଦିବାସୀ ପରମ୍ପରା ଓ ସଂସ୍କୃତି ସହ ଏହି ପର୍ବ ଜଡ଼ିତ। ବୈଦିକ ମତରେ ମୁନିଋଷି ମାନେ ଯେଉଁ ପଞ୍ଚଯଜ୍ଞ କରୁଥିଲେ ତାହା ମଧ୍ୟରୁ ଅନ୍ୟ ହେଉଛି ପ୍ରଳମ୍ବନ ଯଜ୍ଞ। ପ୍ରଳମ୍ବନ ବା ଶସ୍ୟ ଉତ୍ପାଦନ କରିବାର ସମୟ। ବୈଦିକ କାଳରେ ଏହି ପ୍ରଳମ୍ବନ ଯଜ୍ଞ ବା ଶସ୍ୟ ଉତ୍ପାଦନର ସମୟକୁ ଏବେ ନୂଆଁଖାଇ ଭାବେ ପାଳନ କରାଯାଉଛି। ଅନ୍ୟଏକ ମତ ଅନୁସାରେ ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ ପାଟନାର ରାଜାଥିଲେ ଚୌହାନ ବଂଶର ରମାଇ ଦେଓ ପାଟନା ରାଜାଙ୍କ ଅଧିନରେ ଥିଲା ବଲାଙ୍ଗୀର। ସେତେବେଳେ ସେଠାକାର ଅଧିବାସୀମାନେ ପଶୁପକ୍ଷୀ ଶୀକାର କରିବା ସହ ଫଳମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର ଆର୍ଥୀକ ଅବସ୍ଥା ମଧ୍ୟ ଭଲ ନଥିଲା। ଲୋକଙ୍କ ଆର୍ଥୀକ ଅବସ୍ଥାକୁ ସୁଧାରିବା ପାଇଁ ରାଜା ରମାଇ ଦେଓ ଲୋକଙ୍କୁ ଉତ୍ସାହିତ କରିଥିଲେ। ଫଳତଃ ଏକ କୃଷିଭିତ୍ତିକ ପରମ୍ପରା ଗଢ଼ି ଉଠିଥିଲା। ସେବେଠାରୁ ଏହି କୃଷିଭିତ୍ତିକ ପରମ୍ପରା ଅନୁସାରେ ନୂଆଁଖାଇ ପର୍ବ ପାଳନ କରାଯାଇ ଆସୁଛି ବୋଲି ଅନେକଙ୍କର ବିଶ୍ୱାସ ରହିଛି।

# ଖଣି ବିଲ୍ ଓ ସାଂସଦମାନଙ୍କୁ ପ୍ରଶ୍ନ

ବିଜୟ କୁମାର ପଟ୍ଟନାୟକ

ଅଳ୍ପ ଦିନ ପୂର୍ବେ ପାର୍ଲିଆମେଣ୍ଟର ଉଭୟ ଗୃହରେ ଖଣିଜ ସମ୍ପଦ ସମ୍ପର୍କିତ ଏକ ସଂଶୋଧନ ବିଲ୍ ପାରିତ ହେବା ପରେ ରାଷ୍ଟ୍ରପତିଙ୍କ ମଞ୍ଜୁରିକ୍ରମେ ତାହା ଆଇନରେ ପରିଣତ ହୋଇଛି। ଏହି ସଂଶୋଧନ ଦ୍ୱାରା କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କର ଖଣିଜ ସମ୍ପଦ ସମ୍ପର୍କିତ ଅଧିକାରକୁ ପ୍ରତ୍ୟାହାର କରି ନେଇଛନ୍ତି। ସୁଖର କଥା ଯେ ଏ ବିଷୟରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ଦଳର ନେତା ଭକ୍ତ ଚରଣ ଦାସ ସ୍ୱର ଉତ୍ତୋଳନ କରିଛନ୍ତି। ଏ ବିଷୟରେ ଜନସାଧାରଣ କେତେକ ତଥ୍ୟ ଜାଣିବାର ଆବଶ୍ୟକତା ରହିଛି।

ଦେଶର ଖଣିଜ ସମ୍ପଦ ଦୁଇ ଭାଗରେ ବିଭକ୍ତ: ଲଘୁ ଖଣିଜ ପଦାର୍ଥ ଓ ଗୁରୁ ଖଣିଜ ପଦାର୍ଥ ଲଘୁ ଖଣିଜ ପଦାର୍ଥ କହିଲେ ବାଲି, ମୋରମ, ଚିପ୍ ?ସ ଆଦିକୁ ବୁଝାଏ। ଗୁରୁ ଖଣିଜ ପଦାର୍ଥ କହିଲେ ଲୁହା ପଥର, ବକ୍ସାଇଟ, କୋଇଲା ଆଦିକୁ ବୁଝାଏ। ଲଘୁ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଓ ଅନ୍ୟାନ୍ୟ ନୀତି ପ୍ରଣୟନ କରିବାର ଅଧିକାର ହେଉଛି ରାଜ୍ୟମାନଙ୍କର। ଗୁରୁ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଓ ଅନ୍ୟାନ୍ୟ ନିୟମ ପ୍ରଣୟନ କରିବାର ଅଧିକାର ହେଉଛି କେନ୍ଦ୍ର ସରକାରଙ୍କର। ଏହା ହିଁ ସାମ୍ବିଧାନିକ ବ୍ୟବସ୍ଥା।

୨୦୦୪ ମସିହାରେ ଓଡ଼ିଶା ସରକାର ଏକ ନିୟମ ପ୍ରଣୟନ କରି ରାଜ୍ୟରେ ଖଣିଜ ପଦାର୍ଥ ଗଚ୍ଛିତ ଥିବା ଜମି ଉପରେ ଏକ ଟିକସ ବସାଇଲେ। ଏହି ଆଇନକୁ ବିରୋଧ କରି କେତେକ ଶିଳ୍ପ ସଂସ୍ଥା କୋର୍ଟର ଆଶ୍ରୟ ନେଲେ। ସେମାନଙ୍କର ଯୁକ୍ତି ଥିଲା ଯେ ଗୁରୁ ଖଣିଜ ପଦାର୍ଥ ଉପରେ ଟିକସ ବସାଇବା ଅଧିକାର ରାଜ୍ୟମାନଙ୍କର ନାହିଁ, ତେଣୁ ଓଡ଼ିଶା ସରକାରଙ୍କର ଆଇନଟି ଅସାମ୍ବିଧାନିକ ଓଡ଼ିଶା ସରକାରଙ୍କର ଯୁକ୍ତି ଥିଲା ଯେ, ଗୁରୁ ଖଣିଜ ପଦାର୍ଥ ଉତ୍ତୋଳନ ଉପରେ ଓଡ଼ିଶା ସରକାରଙ୍କର ଅଧିକାର ନ ଥାଇପାରେ, କିନ୍ତୁ ଖଣିଜ ପଦାର୍ଥ ଥିବା ଜମି ଉପରେ ଟିକସ ବସାଇବା ଅଧିକାର ରାଜ୍ୟ ସରକାରଙ୍କର ଅଛି।

ଘଟଣାଟି ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଗଲା। ୨୦ ବର୍ଷର ଆଇନଗତ ଲଢ଼େଇ ପରେ ୨୦୨୪ ମସିହାରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ୯ ଜଜ ବିଶିଷ୍ଟ



ସାମ୍ବିଧାନିକ ବେଞ୍ଚ ତାଙ୍କର ନିଷ୍ପତ୍ତି ଶୁଣାଇଲେ ଯେ ରାଜ୍ୟ ସରକାରଙ୍କର ସବୁ ପ୍ରକାର ଜମି ଉପରେ ଖଜଣା ସ୍ଥିର କରିବାର ଅଧିକାର ରହିଛି। ପ୍ରକାଶ ଥାଉ କି ସମଗ୍ର ଭାରତ ବର୍ଷରେ ଯେଉଁଠାରେ ଜମି ଅଛି ତାହା କୌଣସି ନା କୌଣସି ରାଜ୍ୟ ସରକାରଙ୍କର। ଯଦି ଭାରତ ସରକାରଙ୍କ ନାଁରେ କିଛି ଜମି ଥାଏ ତାହା ସମ୍ପୃକ୍ତ ରାଜ୍ୟ ସରକାର ହିଁ ଭାରତ ସରକାରଙ୍କୁ ଦେଇଥାନ୍ତି। ଯେହେତୁ ସବୁ ଜମି ରାଜ୍ୟ ସରକାରଙ୍କର, ତେଣୁ ତାହା ଉପରେ ଖଜଣା ଆଦାୟ କରିବାର କ୍ଷମତା ମଧ୍ୟ ରାଜ୍ୟ ସରକାରଙ୍କର। ଯେଉଁଭଳି ଭାବରେ ଜଣେ ସାଧାରଣ ଚାଷୀର ଚାଷ ଜମି ବା ଘରବାରି ଜମି ଉପରେ ଖଜଣା ଦିଆଯାଏ ସେହିଭଳି ଭାବରେ ଜଣେ ଖଣି ପଟ୍ଟାଦାର ମଧ୍ୟ ତାଙ୍କର ଜମି ଉପରେ ରାଜ୍ୟ ସରକାରଙ୍କୁ ଖଜଣା ଦେବେ। ମାନ୍ୟବର ସୁପ୍ରିମ କୋର୍ଟ ଆହୁରି ମଧ୍ୟ କହିଲେ ଯେ ମାମଲାର ନିଷ୍ପତ୍ତି ହେବାରେ ୨୦ ବର୍ଷ ବିତି ଯାଇଥିବାରୁ ଏକାଥରେ ପିଛିଲା ଟଙ୍କା ପଇଠ କରିବା ଖଣି ମାଲିକମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ପାରେ। ତେଣୁ ପିଛିଲା ଦେୟକୁ ୧.୨.୨୦୨୬ ତାରିଖ ଠାରୁ ୧୨ଟି କିସ୍ତିରେ ରାଜ୍ୟ ସରକାର ଆଦାୟ କରି ପାରିବେ। ଏହା ଛଡ଼ା ଆଗାମୀ ବର୍ଷମାନଙ୍କରେ ପ୍ରତି ବର୍ଷର ଦେୟ ସେମାନେ ଦେବାକୁ ବାଧ୍ୟ। ଓଡ଼ିଶା କ୍ଷେତ୍ରରେ ପ୍ରତି ବର୍ଷର ଦେୟ ହେବ ୧୨,୦୦୦ କୋଟି ଟଙ୍କା ଓ ପିଛିଲା ଦେୟ ହେବ ଏକ ଲକ୍ଷ କୋଟି ଟଙ୍କା।

୨୦ ବର୍ଷର ତପସ୍ୟା ପରେ ଓଡ଼ିଶାକୁ ମିଳିଥିବା ଧନରାଶିକୁ ଲୋକସଭା ୧୦ ମିନିଟର ଆଲୋଚନାରେ ଉଡ଼ାଇଦେଲେ। ସଦ୍ୟ ପାରିତ ସଂଶୋଧିତ ଆଇନରେ ଉଲ୍ଲେଖ ଅଛି ଯେ ରାଜ୍ୟ ସରକାରମାନେ ଖଣିଜ ଦ୍ରବ୍ୟ ଥିବା ଜମି ଉପରେ କୌଣସି ଟିକସ ବସାଇ ପାରିବେ ନାହିଁ। କେବଳ ତାହା ନୁହେଁ, ପିଛିଲା ଦେୟ ମଧ୍ୟ ଆଦାୟ କରି ପାରିବେ ନାହିଁ।

ଯଦି ଏଇ ଅର୍ଥ ଓଡ଼ିଶାକୁ ମିଳିଥାନ୍ତା ତେବେ ସୁଭଦ୍ରା ଯୋଜନାରେ ହୁଏତ ମହିଳାମାନେ ବାର୍ଷିକ ୧୦,୦୦୦ ଟଙ୍କା ବଦଳରେ ୨୦,୦୦୦ ଟଙ୍କା ପାଇ ପାରି ଥାଆନ୍ତେ। ୧୦,୦୦୦ ନୂତନ ଶିକ୍ଷକ ନିଯୁକ୍ତ ହୋଇ ପାରିଥାଆନ୍ତେ। ସବୁ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ହେଉଥିବା କୋଠରି ନିର୍ମିତ ହୋଇପାରିଥାନ୍ତା। ସବୁ ଗାଁକୁ ରାସ୍ତା ଓ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିଥାନ୍ତା। ତେବେ ଏହି ସଂଶୋଧନ ବିଲ୍ କାହା ସ୍ୱାର୍ଥରେ ?

ଲୋକସଭାରେ ଓଡ଼ିଶାର ୨୧ ଜଣ ସାଂସଦ ମଧ୍ୟରୁ ୨୦ ଜଣ ହେଉଛନ୍ତି ବିଜେପି ଦଳର। ସେମାନେ ଓଡ଼ିଶାବାସୀଙ୍କୁ ଉତ୍ତର ଦେବା ଉଚିତ ଯେ ସେମାନେ ଏଭଳି ଏକ ଓଡ଼ିଶାର ସ୍ୱାର୍ଥବିରୋଧୀ ବିଲ୍‌କୁ କିଭଳି ପାରିତ କଲେ ? ଅନ୍ତତଃ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଯାଇ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇପାରିଥାନ୍ତା। ତାହା ହେଲା ନାହିଁ। ଏ କ୍ଷତି ଭରଣା କରିବା ପାଇଁ ସେମାନେ କ'ଣ ପଦକ୍ଷେପ ନେବେ ? ତାହା ହେଲେ ଖଣି ଅଞ୍ଚଳରେ ହେଉଥିବା ବ୍ୟାପକ ପରିବେଶ ପ୍ରଦୂଷଣ କ'ଣ ସେଠାକାର ଗରିବ ଅଧିବାସୀମାନଙ୍କର ଏକମାତ୍ର ପ୍ରାପ୍ୟ ?

**(ମତାମତ ଲେଖକଙ୍କ ନିଜସ୍ୱ)**

**ପୂର୍ବତନ ମୁଖ୍ୟ ଶାସନ ସଚିବ, ଓଡ଼ିଶା**

# ସଂହତି ଓ ସଂପ୍ରୀତିର ପର୍ବ ନୂଆଁଖାଇ



ଡ. ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

ଓଡିଶାର ପର୍ବପର୍ବାଣୀ ସାରା ବିଶ୍ୱରେ ବିରଳ। ବାରମାସରେ ତେରପର୍ବର ଆସର ଦୈନନ୍ଦିନ ଘଟଣା ପ୍ରବାହ ଓ ଆନନ୍ଦ ଉଲ୍ଲାସର ଆଧାର ଭାବେ ଘରେ ଘରେ ଆଦୃତ। ଜୀବନର ସମସ୍ତ କଳା କୌଶଳ ଓ କୃତିତ୍ୱର ସ୍ୱାକ୍ଷର ବହନ କରି ପର୍ବପର୍ବାଣୀ ଗତିଶୀଳ ହୋଇଥାଏ। ବହୁ ଧର୍ମ, ବହୁ ଜାତି, ବହୁ ସଂପ୍ରଦାୟର ଲୋକ ଏହି ଉତ୍କଳ ଭୂଖଣ୍ଡରେ ପରସ୍ପର ଠାରୁ ସ୍ୱତନ୍ତ୍ର ହୋଇଥିଲେ ମଧ୍ୟ ବିଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠା ହିଁ ଆମ ପର୍ବପର୍ବାଣୀର ମହାନତାକୁ ବିଶ୍ୱ ଦରବାରରେ ଅନନ୍ୟ କରି ଗଢି ତୋଳିଛି। ଭୌଗଳିକ ସ୍ଥିତି ଅନୁଯାୟୀ ଆମ ରାଜ୍ୟ ଓଡିଶା ଭାରତବର୍ଷର ପୂର୍ବ ଉପକୂଳରେ ଅବସ୍ଥିତ। ଓଡିଶା ଚାରୋଟି ସ୍ତରରେ ତାର ରାଜ୍ୟ ଗୁଡିକୁ ଧାରଣ କରିଛି। ଯଥା- ଉତ୍ତର, ପୂର୍ବ, ଦକ୍ଷିଣ ଓ ପଶ୍ଚିମ ଓଡିଶା ଭାବେ ସୁପରିଚିତ। ନୂଆପଡା, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗଡା, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲ୍ଲା ପଶ୍ଚିମ ଓଡିଶା ଅନ୍ତର୍ଗତ। ଏହି ପଶ୍ଚିମ ଓଡିଶାର ସର୍ବଶ୍ରେଷ୍ଠ ପର୍ବ ହେଉଛି – ନୂଆଖାଇ। ସମ୍ବଲପୁରୀ ସଂସ୍କୃତିରେ ଏହା କୃଷି ଭିତ୍ତିକ ପର୍ବ ଭାବେ ପାଳିତ ହୋଇଥାଏ। ମୁଖ୍ୟତଃ ଏହା ଆଦିବାସୀ ଜନଜାତି ଏବଂ ହିନ୍ଦୁ ମାନଙ୍କ ଦ୍ୱାରା ପାଳିତ ହୋଇ ଆସୁଅଛି। ଏହି ପର୍ବର ସ୍ୱତନ୍ତ୍ରତା ହେଉଛି – ବର୍ଷର ନୂତନ ଶସ୍ୟକୁ ଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବା। ଏହାକୁ ନବାନ୍ନ ବୋଲି ମଧ୍ୟ କୁହାଯାଏ। ହିନ୍ଦୁ ପଞ୍ଜିକା ଅନୁସାରେ ଭାଦ୍ରବ ମାସ ଶୁକ୍ଳପକ୍ଷ ପଂଚମୀ ତିଥିରେ ଏହି ନୂଆଖାଇ ପର୍ବ ପାଳନ କରାଯାଏ।

ଏହି ପର୍ବ ଏକ ପାରମ୍ପରିକ ସାଧାରଣ ପର୍ବ ନୁହେଁ। ନୂତନ ଶସ୍ୟ ପୂଜାର ଏହା ସର୍ବଶ୍ରେଷ୍ଠ ପର୍ବ। କାହିଁ କେଉଁ କାଳରୁ ଜୀବନ ଧାରଣ ପାଇଁ ଖାଦ୍ୟ ଶସ୍ୟର ଆବିଷ୍କାର ପରେ , ତାରି ଉପରେ ନିର୍ଭରଶୀଳ ମାନବ ପ୍ରଭୁଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଥାଏ। ଏହି ପର୍ବ ସମ୍ପର୍କରେ ତୈତ୍ତିରୀୟ ଉପନିଷଦରେ ଲେଖା ଅଛି – "ଅନଂ ବ୍ରହ୍ମେତି ବ୍ୟଜାନାତ୍ ଅନ୍ନାଦେବ ଖଳିମାନି ଭୂତାନି ଜାୟନ୍ତେ ଅନ୍ନେନ ଜାତାନି ଜୀବନ୍ତି ଅନଂ ପ୍ରୟନ୍ତ୍ୟଭି ସଂବିନ୍ତାତି"। ଅନ୍ନର ଅନ୍ୟନାମ ବ୍ରହ୍ମ। ମାନବ ଜୀବନ ଧାରଣ ପାଇଁ ଅନ୍ନ ହିଁ ସର୍ବଶ୍ରେଷ୍ଠ ସମ୍ପତ୍ତି। ସେଥିପାଇଁ ଆବହମାନ କାଳରୁ ଏହି ଅନ୍ନକୁ ମାନବ ସମାଜ ପୂଜା କରି ଆସୁଛି। ଗବେଷକଙ୍କ ମତାନୁସାରେ କୃଷିକାରୀ ସମାଜରେ ଶସ୍ୟ ଖସଡାରେ ପାଞ୍ଚୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥାଏ। ଭୂମୀ କର୍ଷଣ, ବୀଜ ବପନ, ପ୍ରଥମ ଶସ୍ୟ କର୍ତ୍ତନ, ଶସ୍ୟ ଅମଳ ଓ ଶସ୍ୟ ସଂରକ୍ଷଣ। ତୃତୀୟ କାର୍ଯ୍ୟଧାରା ଅନୁସାରେ ନୂତନ ଶସ୍ୟ ସଂଗ୍ରହ କରି ଦେବୀମାତାଙ୍କ ପୂଜା ଉଦ୍ଦେଶ୍ୟରେ ଅର୍ପଣ କରିବା ହିଁ ଏହି ପର୍ବର ଏକ ପ୍ରଧାନ ଲକ୍ଷ୍ୟ। ତ୍ରୟୋଦଶ ଶତାବ୍ଦୀରେ ପୂର୍ବତନ ଗଡଜାତ ରାଜ୍ୟ ପାଟଣାଗଡର ଚୌହାନ ବଂଶୀ ମହାରାଜା ରମାଇ ସିଂଦେଓ ଏକ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା ଉଦ୍ୟମରେ ସ୍ଥାୟୀ କୃଷିଜୀବି ସମାଜର ଗୁରୁତ୍ୱ ଅନୁଭବ କରିଥିଲେ। ସେ ସମୟରେ କୋଶଳର ଅଧିବାସୀ ମାନେ ଜଙ୍ଗଲରୁ ଶୀକାର ଓ ବଣ ଜଙ୍ଗଲଜାତ ପଦାର୍ଥ ଉପରେ ନିର୍ଭରଶୀଳ ଥିଲେ। ସେତେବେଳେ ସ୍ଥାୟୀ କୃଷିକ୍ଷେତ୍ର ନଥିବାରୁ କୃଷିକର୍ମକୁ ପ୍ରଜାମାନେ ଆଦରି ପାରୁ ନଥିଲେ। ରାଜ୍ୟ ପୁର୍ନଗଠନ ସମୟରେ ସମ୍ବଲପୁର ଅଞ୍ଚଳର ସ୍ୱରୂପ ଗଠନରେ ନୂଆଖାଇ ପର୍ବ ରୀତିନୀତି ପାରମ୍ପରିକତା ଓ ବିଧି ବିଧାନ ଦୃଷ୍ଟିରୁ ଖୁବ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ନୂଆଖାଇ ପର୍ବ ହିଁ ସମ୍ବଲପୁର ଅଞ୍ଚଳର ସ୍ୱତନ୍ତ୍ର ଭୌଗଳିକ ଏବଂ ସାଂସ୍କୃତିକ ପରମ୍ପରା ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛି। ଯାହାର ପ୍ରକୃତ ଶ୍ରେୟ ରାଜା ରମାଇ ସିଂଦେଓଙ୍କୁ ଦିଆଯାଏ। କାରଣ ଏ ଅଞ୍ଚଳରେ ରାଜା ରମାଇ ସିଂଦେଓ ପ୍ରଜା ମାନଙ୍କର ସ୍ଥାୟୀ କୃଷିକ୍ଷେତ୍ର ସୃଷ୍ଟି କରି ସେମାନଙ୍କୁ ଶସ୍ୟ ଉତ୍ପାଦନର ପ୍ରେରଣା ଯୋଗାଇ ଥିଲେ। ଏହା କେବଳ ଶସ୍ୟର ପର୍ବ ନୁହେଁ। ଏହି ପର୍ବର ଧାର୍ମିକ ଦିଗ ମଧ୍ୟ ଖୁବ ବିରଳ। ଏ ଅଞ୍ଚଳର ଜୀବନ ଧାରା ଉପରେ ନୂଆଖାଇ ଗଭୀର ପ୍ରଭାବ ପକାଇଛି। ପ୍ରଥମେ ପାଚି ଆସୁଥିବା ଶସ୍ୟକୁ ପଶୁପକ୍ଷୀଙ୍କ ଆହାର ହେବା ପୂର୍ବରୁ ଇଷ୍ଟଦେବୀଙ୍କ ନିକଟରେ ଅର୍ପଣ କରିବାର ଏକ ପରମ୍ପରା ବହୁ ପ୍ରାଚୀନ ସମୟରୁ ଚାଲି ଆସିଛି। ଏଥିପାଇଁ ପୂର୍ବରୁ ଏହି ପର୍ବ ଉଦ୍ଦେଶ୍ୟରେ କୌଣସି ଏକ ନିର୍ଦ୍ଦିଷ୍ଟ ଦିନ ନଥିଲା। ରାଜବଂଶର ପୃଷ୍ଠପୋଷକତା ଯୋଗୁ ଏହି ପର୍ବ ସାମାଜିକ, ଧାର୍ମିକ ଗଣପର୍ବ ଭାବେ ସମଗ୍ର କୋଶଳ ଅଞ୍ଚଳରେ ପ୍ରତିଷ୍ଠା ଲାଭ କଲା। ପ୍ରତିବର୍ଷ ପୁରୋହିତ ମାନଙ୍କ ଦ୍ୱାରା ଜ୍ୟୋତିଷ ମତକୁ ନେଇ ଦିନ ଏବଂ ସମୟ ଅନୁଯାୟୀ ଏହି ପର୍ବ ପାଳିତ ହୋଇଥାଏ। ପ୍ରାଚୀନ କାଳରେ ବ୍ରହ୍ମପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ପଣ୍ଡିତ ମାନେ ଶୁଭ ମୁହୁର୍ତ୍ତ ନିର୍ଣ୍ଣୟ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ମୁହୁର୍ତ୍ତ ସବୁ ପାଟଣାରେ ପାଟଣେଶ୍ୱରୀ ଦେବୀଙ୍କ ନାମରେ, ସୁବର୍ଣ୍ଣପୁରରେ ସୁରେଶ୍ୱରୀ ଦେବୀଙ୍କ ନାମରେ, କଳାହାଣ୍ଡିରେ ମାଣିକେଶ୍ୱରୀ ଦେବୀଙ୍କ ନାମରେ ଶୁଭ ସମୟ ନିରୂପିତ ହେଉଥିଲା। ସୁନ୍ଦରଗଡରେ ରାଜ ପରିବାର ମାନେ ପ୍ରଥମେ ଦେବୀ ଶିଖରବାସିନୀଙ୍କୁ ପୂଜା କରି ଶସ୍ୟ ଅର୍ପଣ କରୁଥିଲେ। ସମ୍ବଲପୁରରେ ନିର୍ଦ୍ଧାରିତ ଦିବସରେ ଆରାଧ୍ୟ ଦେବୀ ମା ସମଲେଶ୍ୱରୀଙ୍କୁ ନବାନ୍ନ ଅର୍ପଣ କରାଯାଉ ଥିଲା। କୋଶଳରେ ନଅ ଗୋଟି ରୀତି ସହକାରେ ଏହି ପର୍ବ ଖୁବ ଆନନ୍ଦ ଉଲ୍ଲାସରେ ପାଳନ ହୋଇଥାଏ। ଆର୍ଯ୍ୟ ମାନଙ୍କ ପ୍ରବେଶ ପରେ ଆଦିବାସୀମାନେ ଜ୍ୟୋତିଷ ବିଦ୍ୟା ସମ୍ମତ ନୂଆଖାଇ ପର୍ବ ପାଳନର ତିଥି ଲଗ୍ନ ସ୍ଥିର କରାଯିବା ପ୍ରଥାକୁ ଗ୍ରହଣ କରିଥିଲେ। ଆର୍ଯ୍ୟମାନେ ମଧ୍ୟ ଏହି ପର୍ବକୁ ନିଜର କରିଥିଲେ। ୧୯୯୧ ମସିହାରୁ ସର୍ବସମ୍ମତିକ୍ରମେ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପ୍ରତିବର୍ଷ ଏହା ପାଳନ କରାଯାଉଛି। ଏହି ପର୍ବ ପାଳନର ପୂର୍ବଦିନ ଘରଦ୍ୱାର ଲିପାପୋଛା ହୋଇ ଶୁଦ୍ଧ କରାଯାଏ। ପରଦିନ ନୂତନ ହାଣ୍ଡିରେ ନବାନ୍ନ ରନ୍ଧନ ହୁଏ। ବିଭିନ୍ନ ପ୍ରକାରର ପିଠା ପଣା ମଧ୍ୟ ପ୍ରସ୍ତୁତ ହୋଇଥାଏ। ସେହି ସବୁକୁ ଲୋକମାନେ ଗ୍ରାମଦେବୀଙ୍କୁ ଶୁଦ୍ଧପୂତ ଭାବେ ଅର୍ପଣ କରିଥାନ୍ତି। ହିନ୍ଦୁ ପରମ୍ପରାରେ ଧନଧାନ୍ୟର ଅଧିକାରିଣୀ ଦେବୀ ମା ଲକ୍ଷ୍ମୀଙ୍କର ପୂଜା ମଧ୍ୟ ହୋଇଥାଏ। ଏହିଦିନ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି। ଏହି ପର୍ବର ସ୍ୱତନ୍ତ୍ରତା ହେଉଛି ବିଭାଜିତ ପରିବାର ମଧ୍ୟ ତିକ୍ତତା ଭୁଲି, ଏକତ୍ର ଏହି ପର୍ବ ପାଳନ କରି ପରସ୍ପରର ସୁସ୍ଥ, ନିରାମୟ ଏବଂ ସ୍ୱଚ୍ଛଳ ଜୀବନ କାମନା କରିଥାନ୍ତି। ଜୁହାର ଭେଟ ଏକ ଅନନ୍ୟ ପରମ୍ପରା ଏହି ପର୍ବରେ ହୋଇଥାଏ। ବଡ ମାନଙ୍କ ଉଦ୍ଦେଶ୍ୟରେ ସାନମାନେ ସାଷ୍ଟାଙ୍ଗ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି। ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଓ ଲୋକଗୀତରେ ସମସ୍ତେ ନିଜକୁ ହଜାଇ ଦିଅନ୍ତି। ନୂଆଖାଇ – ନୂଆ ଜୀବନର ଆଶା ଓ ଭରସା। ନୂଆ ଉନ୍ମାଦନା, ନୂଆ ସଞ୍ଚରଣ ଓ ଉଲ୍ଲାସର ପର୍ବ। ପଶ୍ଚିମ ଓଡିଶାର ମହାନ ସାମାଜିକ ପରମ୍ପରାର ପ୍ରତୀକ। ମନରୁ ସ୍ୱାର୍ଥ, ପରଶ୍ରୀକାତରତା, ଈର୍ଷା ଭାବ ଦୂର କରି ଶାନ୍ତିପୂର୍ଣ୍ଣ ସହବସ୍ଥାନର ବାର୍ତ୍ତା ଆଣିଥାଏ ଏହି ପର୍ବ। ଘରେ ଘରେ ନବାନ୍ନର ସୁଗନ୍ଧ ମନକୁ ପ୍ରଫୁଲ୍ଲିତ କରେ। ଆଧୁନିକ ଜୀବନଧାରା ନୂତନାଭିମୁଖୀ ହୋଇଥିଲେ ମଧ୍ୟ ନୂଆଖାଇର ମହକ ପଶ୍ଚିମ ଓଡିଶାରେ ସର୍ବତ୍ର ଅନୁଭୂତ ହୋଇଥାଏ। ଏକ ମହାନ ଆଦର୍ଶର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ନୂଆଖାଇ ବିଶ୍ୱମୈତ୍ରିଭାବେ, ପୂଜ୍ୟପୂଜା ଉପାସନାର ବାର୍ତ୍ତା ନିରନ୍ତର ଭାବରେ ଦେଇ ଚାଲିଛି। ସମୟ ସାରଣୀର ବିବର୍ତ୍ତନରେ ଯଦିଓ ପର୍ବର ମୌଳିକତା କିଛି ପରିମାଣରେ କମି ଯାଇଛି, ତଥାପି ପଶ୍ଚିମ ଓଡିଶାର ସାମାଜିକ ସଂଗଠନ ଏବଂ ଓଡିଶା ସରକାରର ମିଳିତ ସହଯୋଗରେ ନୂଆଖାଇ ତାର ପାରମ୍ପରିକ ପ୍ରଥାର ମହକକୁ ବଜାୟ ରଖିବାକୁ ଆପ୍ରାଣ ଚେଷ୍ଟା ଜାରି ରଖିଛି। ଓଡିଶାର ଅଧିବାସୀଙ୍କ ମଧ୍ୟରେ ଏକତା, ସଂହତି ଓ ସଂପ୍ରୀତିର ନୂତର ଅଧ୍ୟାୟ ସୃଷ୍ଟି କରିବାରେ ନୂଆଖାଇ ସକ୍ଷମ ହୋଇ ପାରିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



### ////////////////// ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ //////////////////

# ୧୧୦୬ ମାମଲା ଫଇସଲା:୪,୪୮,୮୨,୪୮୮ ଟଙ୍କା ଆଦାୟ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆଇନ୍ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ପରିବାର ଅଦାଲତ ଜଜ୍ ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ବିଭୁ ପ୍ରସାଦ ପଣ୍ଡା, ମହିଳା ଅଦାଲତ ବିଚାରପତି ପ୍ରଜ୍ଞା ପରମିତା ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନରୋତ୍ତମ ସେଠୀ, ସବ୍ ଜଜ୍ ରାକେଶ କୁମାର ମୁଦୁଲି,ଏସ୍.ଡି.ଜେ.ଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ ସଂକେତ ସାମଲ, ଜେଏମ୍ଏଫ୍ସି ଅଙ୍କିତ ଦେଓ୍ୱାଙ୍ଗନ ଜେ.ଏମ୍ଏସ୍ସି ଶ୍ରୀୟଙ୍କା ଦାଶ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ । ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ସବ୍ ଜଜ୍ ଅବକାଶ ଚୌଧୁରୀ, ଜେଏମ୍ଏଫ୍ସି ସିଓନା ସିଦ୍ଧାର୍ଥ ମହାରଣା, ରାଜେଶ ମିଶ୍ର, ସସ୍ମିତା ସେଠୀ ଓ ରେଶ୍ମିବାଳା ସେନାପତିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଓ ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରୋସେକ୍ୟୁଟର ତପନ କୁମାର ପାଲ, ଡଃ ଶିବ ଶଙ୍କର ଦାସ ଏବଂ ଆଇନଜୀବୀ ଶରତ ଚନ୍ଦ୍ର ସାହୁ, ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିଓ୍ୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ୍ ମୋକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି । ଜିଲ୍ଲାରୁ ମୋଟ୍ ୧୭୮୦ ମାମଲାରୁ ୧୧୦୬ଟି ସଫଳତାର ସହ ଫଇସଲା ହେବା ସହିତ ୪ କୋଟି ୪୮ ଲକ୍ଷ ୮୨ ହଜାର ୪୮୮ ଟଙ୍କା ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ୍ ମୋକଦ୍ଦମାରେ ୪୨୩୨ଟି ମାମଲାରୁ ୧୩୩ଟି ସଫଳତାର ସହ ଫଇସଲା ହେବା ସହିତ ୫୧ ଲକ୍ଷ ୪୪ ହଜାର ୭୯୪ ଟଙ୍କା ଋଣ ଆଦାୟ କରାଯାଇଛି । ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ଏରସମା ଅଦାଲତ ଏବଂ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ମୋକଦ୍ଦମା ଗୁଡିକର ଫଇସଲା କରାଯାଇ ଟଙ୍କା ଆଦାୟ କରାଯାଇଛି ।



## ପିଏମ୍ ବିଶ୍ୱକର୍ମା ଯୋଜନା ଉତ୍ପାଦ ଓ ବଜାରକରଣ ସଚେତନତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଟାଉନ୍ହଲ୍ ଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଉତ୍ପାଦ ଓ ବଜାର କରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଲିଡ୍ ବ୍ୟାଙ୍କ ମ୍ୟାନେଜର୍ ଡନ୍ ବାସ୍କୋଡି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ବିଭାଗୀୟ ଅଧିକାରୀ ମାନଙ୍କ ସମେତ ସାଧନ କର୍ମୀମାନେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସୁଯୋଗ ସମ୍ପର୍କରେ ଉପସ୍ଥିତ ଉଦ୍ୟୋଗୀ ଓ ଆକାଂକ୍ଷୀ ମାନଙ୍କୁ ସଚେତନ କରାଇଥିଲେ ।


## ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୁଆଁଖାଇ ଓ ଗଣେଶ ପୂଜା ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଏ ବର୍ଷ ଆପଣଙ୍କ ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧିର ବର୍ଷ ହେଉ ।

'ନୁଆଁଖାଇ ଜୁହାର'
ଶ୍ରୀ ଚନ୍ଦ୍ର ଶେଖର ବାଗ
ସମାଜ ସେବୀ
ବରଗଡ଼




## ପିଏସ୍କେ କମ୍ପାନୀ ନିର୍ଦ୍ଦେଶକଙ୍କ ଜାତୀୟ ରାଜପଥ ପରିଦର୍ଶନ ଓ ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ ଚଣ୍ଡିଖୋଲ-ପାରାଦୀପର ରାସ୍ତା ପ୍ରଶସ୍ତୀକରଣ କରିଥିବା ପିଏସ୍କେ କମ୍ପାନୀର ନିର୍ଦ୍ଦେଶକ କୁଟା ସୁଧାକର ଚଣ୍ଡିଖୋଲ ଠାରୁ ଗୋପଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ପରିଦର୍ଶନ କରିବା ସହ ନୂତନ ଭାବେ ନିର୍ମାଣ ହୋଇଥିବା ରାସ୍ତା ଓ ପୋଲ ଦେଖିବା ସହିତ ସମୀକ୍ଷା କରିଥିଲେ । ବିଭିନ୍ନ ସ୍ଥାନରେ ପୋଲ ଓ ରାସ୍ତାଗୁଡିକୁ ଦେଖି ଉପସ୍ଥିତ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ରାସ୍ତା ଏବଂ ପୋଲ ମଜବୁତ୍ ଓ ସୁନ୍ଦର ହୋଇଥିବାରୁ ନିର୍ଦ୍ଦେଶକ ସୁଧାକର ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ । ଆୟୋଜିତ ଏହି ସମୀକ୍ଷାରେ ଏରିଆ ପରିଚାଳକ କୁଟା ରମଣିଆ, ସଂଯୋଜକ ଡି. ରାଜ୍ ଶେଖର, ଲିଆସିନିଙ୍ଗ୍ ଅଧିକାରୀ ଚିତ୍ତରଞ୍ଜନ ସାମଲଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୧୭ରୁ ଏକ ମାସ ବ୍ୟାପୀ ବିଜେପିର ଜନସେବା କାର୍ଯ୍ୟକ୍ରମ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ଭାରତୀୟ ଜନତା ପାର୍ଟି, ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଂଗଠନ ପକ୍ଷରୁ ବାରିପଦା ସ୍ଥିତ ଷ୍ଟାଡିୟମ୍ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା ସମର୍ପଣର ୨୫ ବର୍ଷ ଉପଲକ୍ଷେ ଏହି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନରେ ଦୀର୍ଘ ୨୫ ବର୍ଷର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଦେଶରେ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକମାସ ବ୍ୟାପି ଜନ ସେବା କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହିସମୟ ମଧ୍ୟରେ ସମଗ୍ର ଦେଶରେ ବିଭିନ୍ନ ଜନ କଲ୍ୟାଣକାରୀ ଓ ସେବା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ଗରିବ, ଅସହାୟ, ମହିଳା, ଯୁବକ, ଅନୁଷ୍ଠାନ ଓ ସଂଗଠନଗୁଡ଼ିକୁ ନେଇ ସେବା ପହଞ୍ଚାଇବା ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ସଚେତନତା ବୃଦ୍ଧି କରିବା ପାଇଁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ମାସବ୍ୟାପୀ ହେବାକୁ ଥିବା ମୁଖ୍ୟ କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ଘରେ ଘରେ ଆଶୀର୍ବାଦର ଦୀପ ଜଳାଇବା, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ଆଙ୍ଗନର ଉତ୍ସବ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଙ୍କଳ୍ପ ଯାତ୍ରା, ସେବାଜ୍ୟୋତି ଯାତ୍ରା, ସେବାସେତୁ ଅଭିଯାନ, ରୋଙ୍ଗଲୀ ରାଷ୍ଟ୍ର, ରାଷ୍ଟ୍ରୀୟ ନବସୃଜନ ଆହ୍ୱାନ, ନମୋ ସେବା ଗାଥା-ପଥପ୍ରାନ୍ତ ନାଟକ ପ୍ରଦର୍ଶନ, ଆହ୍ୱାନରୁ ସଂକଳ୍ପ-ରକ୍ତଦାନ ଶିବିର, ସମ୍ମାନ ଓ ମାତୃ ସ୍ୱାସ୍ଥ୍ୟ ସେବା ପ୍ରଦାନ ଇତ୍ୟାଦି ଅନୁଷ୍ଠିତ ହେବ । ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛି ଜିଲ୍ଲା ବିଜେପି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ବଡସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଜ୍ୟ ଅନୁସୂଚିତ ଜନଜାତି ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦରା ସୋରେନ, ଜିଲ୍ଲା କୋଷାଧ୍ୟକ୍ଷ ପରେଶ ଚନ୍ଦ୍ର ମହାନ୍ତ, ଜିଲ୍ଲା ସମ୍ପାଦକ ପ୍ରଦୀପ ମହାନ୍ତି ଏବଂ ପ୍ରବୀଣ ପାତ୍ର, ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥି, ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀଙ୍କ ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।






## ଅପମିଶ୍ରିତ ଫଳ ବିକ୍ରି ଉପରେ ଚଢ଼ଉ

**କଟକ, ନ୍ୟୁଜ୍ ବ୍ୟୁରୋ**

ପାର୍ବଣ ପୂର୍ବରୁ କଟକ ସହରରେ ଅପମିଶ୍ରିତ ଫଳ ବିକ୍ରି ରୋକିବାକୁ ସଜାଗ ହୋଇଛି କଟକ ମହାନଗର ନିଗମ । ଫଳ ଦୋକାନ ଗୁଡ଼ିକରେ ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଚଢ଼ଉ ଜୋର୍ଦାର୍ କରାଯିବ ବୋଲି ମହାନଗର ନିଗମର ହେଲ୍ଥ ଅଫିସର କହିଛନ୍ତି । ବକ୍ସି ବଜାରର କିଛି ଅଞ୍ଚଳରେ ଫଳ ଦୋକାନ ଗୁଡ଼ିକରେ ଚଢ଼ଉ କରାଯାଇଥିଲା । ପାର୍ବଣ ସମୟରେ ଯେପରି କୌଣସି ଦୋକାନୀ ଅପମିଶ୍ରିତ ଫଳ ବିକ୍ରି କରିନପାରନ୍ତି, ସେନେଇ ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖାଯାଉଛି । ଆଗାମୀ ଦିନରେ ମଧ୍ୟ ଫଳ ଦୋକାନଗୁଡ଼ିକରେ ଯାଞ୍ଚ ଜାରି ରହିବ । ଅପମିଶ୍ରିତ ଫଳ ବିକ୍ରି ଉପରେ ରୋକ୍ ଲଗାଇବା ସହ ଗ୍ରାହକଙ୍କୁ ସୁରକ୍ଷିତ ଫଳ ଯୋଗାଇବା ଦିଗରେ ଧ୍ୟାନ ଦିଆଯାଉଥିବା ହେଲ୍ଥ ଅଫିସର କହିଛନ୍ତି ।

## ଆଇନଜୀବୀଙ୍କ ପରଲୋକରେ ସଂଘର ଶୋକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କୋର୍ଟର ବରିଷ୍ଠ ଯୁବ ଆଇନଜୀବୀଙ୍କ ପରଲୋକରେ ଜିଲ୍ଲା ଓକିଲସଂଘ ତରଫରୁ ଶୋକ ପ୍ରକାଶ କରାଯାଇଛି । ଆଇନଜୀବୀ ମିର୍ ଅଫସର୍ ଅଲ୍ଲୀ (୫୧)ଙ୍କ ହୃଦ୍ଘାତରେ ପରଲୋକ ହୋଇଯାଇଥିବାର ଖବର ପାଇବା ପରେ ବହୁ ଆଇନଜୀବୀ, ସମାଜସେବୀ ଓ ସ୍ଥାନୀୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ଅଫସର ଅଲ୍ଲୀ ଜଣେ ମିଷ୍ଟଭାଷୀ, ପରଉପକାରୀ ଓ ସରଳ ସ୍ୱଭାବର ବ୍ୟକ୍ତି ଥିଲେ । ତାଙ୍କର ପରଲୋକର ଖବରପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଜିଲ୍ଲା ଓକିଲ ସଂଘର ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ରାଉତ, ମହମ୍ମଦ ନଇମ୍, ସେକ୍ ସଲାଉଦ୍ଦିନ୍, ସେକ୍ ଅଜିମୁଦ୍ଦିନ୍, ନେହେରୁ କୁମାର ସାହୁଙ୍କ ସମେତ ବହୁ ଆଇନଜୀବୀ ତାଙ୍କ ଶେଷ ଦର୍ଶନ କରି ତାଙ୍କ ଶୋକାକୁଳ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି ।

## ମହାନଦୀରେ ଭାସିଯାଇ ଯୁବକ ନିଖୋଜ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ବାଙ୍କୀ ମହାନଦୀ ପଠାର ଘୋଡ଼ାବର ନଦୀ ତୁଠରେ ଗାଧୋଉଥିବା ବେଳେ ଜଣେ ଯୁବକ ସୁଅରେ ଭାସିଯାଇଛନ୍ତି । ବର୍ତ୍ତମାନ ସୁଦ୍ଧା ତାଙ୍କର ପତ୍ତା ମିଳିନାହିଁ । ସୂଚନାନୁଯାୟୀ କଟକ ଚାଉଳିଆଗଞ୍ଜ ଅଞ୍ଚଳରୁ ୩ ଜଣ ସାଙ୍ଗ ଅଂଶୁପା ପର୍ଯ୍ୟଟନସ୍ଥଳୀକୁ ବଣଭୋଜି କରିବାକୁ ଆସିଥିଲେ । ଭୋଜି ସାରି ୩ ଜଣ ସାଙ୍ଗ ଅପରାହ୍ନରେ ନଦୀରେ ଗାଧୋଉଥିବା ବେଳେ ଜଣେ ହଠାତ୍ ସୁଅରେ ଭାସିଯାଇଥିଲେ । ଖବରପାଇ ଡମପଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । ନଦୀରୁ ୨ ଜଣଙ୍କୁ ଉଦ୍ଧାର କରିଛି । ଖବର ଲେଖାଯିବା ବେଳକୁ ଭାସିଯାଇଥିବା ଯୁବକଙ୍କ ପତ୍ତାମିଳିନଥିବା ଜଣାଯାଇଛି ।






## 'ଆମ ଖାଦ୍ୟ ଆମ ସଂସ୍କୃତି' ପ୍ଲାଷ୍ଟିକ ମୁକ୍ତ ଖାଦ୍ୟ ମେଳା




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ମର୍ଜାକୁଦ କଲ୍ୟାଣ ମଣ୍ଡପ ଠାରେ ବଲାଙ୍ଗୀର ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ ଖାଦ୍ୟ ଆମ ସଂସ୍କୃତି - ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ ମେଳା ୨୦୨୬ ଅନୁଷ୍ଠିତ ହୋଇଯାଇଛି । ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ବବିତା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ବନଖଣ୍ଡ ସହକାରୀ ବନ ସଂରକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସାଧାରଣ ଜୀବନରେ ପ୍ଲାଷ୍ଟିକ୍ ସାମଗ୍ରୀ ଠାରୁ ଆମେ ଦୂରେଇ ରହିଲେ ପ୍ରକୃତି ଓ ପରିବେଶ ସ୍ୱଚ୍ଛ ରହିବ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ଚନ୍ଦ୍ରକାନ୍ତି ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଶିକ୍ଷାର ବିକାଶରେ ସମାଜର ବିକାଶ

ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା-

- ଯେଉଁ ଛାତ୍ରଛାତ୍ରୀମାନେ ପ୍ରାଥମିକ ସ୍ତରରେ ୧ କିମିରୁ ଅଧିକ, ଉଚ୍ଚ ପ୍ରାଥମିକ ସ୍ତରରେ ୩ କିମି ରୁ ଅଧିକ ଏବଂ ଉଚ୍ଚ ବିଦ୍ୟାଳୟ ସ୍ତରରେ ୫ କିମି ରାସ୍ତା ଅତିକ୍ରମ କରି ବିଦ୍ୟାଳୟକୁ ଯାଉଥିବେ ସେମାନଙ୍କର ବିଦ୍ୟାଳୟରେ ଉପସ୍ଥିତି ଅନୁସାରେ ମାସକୁ ୩୦୦/- ଟଙ୍କାରୁ ୬୦୦/- ଟଙ୍କା ପର୍ଯ୍ୟନ୍ତ ଯାତାୟତ ଖର୍ଚ୍ଚ ଦିଆଯାଉଛି ।
- ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ, ପାଠ୍ୟ ପୁସ୍ତକ ବିତରଣ କରାଯାଉଛି ।
- ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକତା ଅନୁସାରେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଜରୁରୀ ସହାୟକ ଉପକରଣ, ବ୍ରେଲି ବହି ଓ ବିଭିନ୍ନ ଭତ୍ତା ପ୍ରଦାନ କରାଯାଉଛି ।
- ଶିଶୁ ବାଟିକାରୁ ଦଶମ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ PM POSHAN & MM POSHAN ଯୋଜନା ମାଧ୍ୟମରେ ସୁଷମ ମଧ୍ୟାହ୍ନ ଭୋଜନ ପରିବେଷଣ କରାଯାଉଛି ।
- ନବମ ଶ୍ରେଣୀରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିୟମିତ ବିଦ୍ୟାଳୟ ଆସିବା ପାଇଁ ସରକାରଙ୍କ ତରଫରୁ ମାଗଣା ବାଇସାଇକେଲ ପ୍ରଦାନ କରାଯାଉଛି ।
- ସାମାଜିକ ତଥା ଆର୍ଥିକ ଅନଗ୍ରସର ଛାତ୍ରୀଙ୍କୁ ନିରନ୍ତର ଆବାସିକ ଶିକ୍ଷା ସହ ଅନୁସାଙ୍ଗିକ ସମସ୍ତ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଆମ ଜିଲ୍ଲାର ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟ ରହିଛି ।
- ତେଣୁ ୫ ରୁ ୧୬ ବର୍ଷ ବୟସର ସମସ୍ତ ପିଲାଙ୍କୁ ପ୍ରତିଦିନ ସ୍କୁଲ ପଠାଇ ଏକ ବିକଶିତ ସମାଜ ଗଠନ କରିବାର ସହଭାଗୀ ହେବାକୁ ସମସ୍ତ ଅଭିଭାବକ ଅଭିଭାବିକାଙ୍କୁ ବିନମ୍ର ଆନୁରୋଧ କରାଯାଉଛି ।

ଟେମଲାଲ ଦୁବେ
ଜିଲ୍ଲା ଶିକ୍ଷା ଅଧିକାରୀ-ତଥା- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ବୌଦ୍ଧ


## ନୂଆଁଖାଇ ଜୁହାର-୨୦୨୬
### ନୂଆ ଧାନ, ନୂଆ ଆଶା, ନୂଆ ସ୍ୱାସ୍ଥ୍ୟ

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନୂଆ ଧାନ ଯେମିତି ସମୃଦ୍ଧି ଆଣେ, ସ୍ୱାସ୍ଥ୍ୟ ହିଁ ସେହିପରି ଜୀବନର ପ୍ରକୃତ ସମ୍ପଦ । ଆସନ୍ତୁ ଏହି ନୂଆଁଖାଇରେ ସଂକଳ୍ପ ନେବା ଯେପରିକି ଜିଲ୍ଲାର ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସହଯୋଗ କରିବା, ସମସ୍ତ ଯୋଗ୍ୟ କନ୍ୟାଙ୍କୁ ଜରାୟୁ ଗ୍ରୀବା କର୍କଟ ସୁରକ୍ଷା ଟୀକା (ଏଚ୍ପିଭି) ଦେବା, ୩୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ବିପି ଓ ସୁଗାର ଯାଞ୍ଚ କରିବା, ଟି.ବି. ମୁକ୍ତ ଭାରତ କାର୍ଯ୍ୟକ୍ରମରେ ସହଯୋଗ କରିବା, କୁଷ୍ଠ ମୁକ୍ତ ଭାରତ କାର୍ଯ୍ୟକ୍ରମରେ ସହଯୋଗ କରିବା, କନ୍ୟା ଭ୍ରୂଣ ହତ୍ୟାକୁ ବିରୋଧ କରିବା ଏବଂ ଆମ ପରିବେଶ ସଫା ରଖିବା । ମେଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବଲାଙ୍ଗିର ଆପଣଙ୍କ ସେବାରେ ସର୍ବଦା ପ୍ରସ୍ତୁତ
ଡାକ୍ତର- ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ର
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ବଲାଙ୍ଗିର



## ନୁଆଖାଇ ଜୁହାର

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ୍ ନର୍ସିଂ କାଉନ୍ସିଲ୍ (ଆଇ.ଏନ୍.ସି) ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ (ସାଇଟ୍) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍.ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୁଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ





# ମହିଳା ଟି-ଟ୍ୱେଣ୍ଟିରେ ସର୍ବାଧିକ ରନ୍ ସ୍କୋରର ହେଲେ ସ୍ମୃତି ମନ୍ଧନା



**ନୂଆଦିଲ୍ଲୀ**

ମହିଳା ଏସିଆ କପ୍ କ୍ରିକେଟରେ ଭାରତ ଅଷ୍ଟମ ଥର ଚାମ୍ପିଅନ୍ ହୋଇଛି। ଫାଇନାଲରେ ଦଳ ୭୨ ରନରେ ଡିଫେଣ୍ଡିଂ ଚାମ୍ପିଅନ୍ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଭାରତ ପ୍ରଥମେ ବ୍ୟାଟିଂ ୫ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ୧୧୧ ରନ୍ କରି ଅଲଆଉଟ୍ ହୋଇଥିଲା। ବଡ଼ ଟୁର୍ଣ୍ଣାମେଣ୍ଟ ବଡ଼ ମଞ୍ଚରେ ସ୍କୋର କରିବା ବହୁତ ବଡ଼ କଥା। ଏହି ଟ୍ରଫି ଟକ୍କରରେ ସ୍ମୃତି ମନ୍ଧନା ଓ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ ଓପନିଂ ଯୋଡ଼ି। ମନ୍ଧନା ଅର୍ଦ୍ଧଶତକୀୟ ପାଳି ସହିତ ସେ ଏକ କୀର୍ତ୍ତିମାନ ରେକର୍ଡ କରିଛନ୍ତି। ସେ ମହିଳା ଟି-ଟ୍ୱେଣ୍ଟିରେ ସର୍ବାଧିକ ରନ୍ ସ୍କୋରର ହୋଇଛନ୍ତି। ମନ୍ଧନାଙ୍କର ଏହା ୩୬ତମ ଟି-ଟ୍ୱେଣ୍ଟି ଅର୍ଦ୍ଧଶତକ ଥିଲା। ଏହି ମ୍ୟାଚ୍‌ରେ ସେ ୫୯ ରନ୍ ସଂଗ୍ରହ କରିବା ସହ ମହିଳା ଟି-ଟ୍ୱେଣ୍ଟିରେ ସର୍ବାଧିକ ରନ୍ ରେକର୍ଡ ସ୍ଥାପନ କରିଛନ୍ତି। ମନ୍ଧନା ୧୭୬ଟି ମ୍ୟାଚ୍ ଖେଳି ୪,୮୧୦ (୨ ଶତକ, ୩୭ ଅର୍ଦ୍ଧଶତକ) ରନ୍ ସଂଗ୍ରହ କରି ସାରିଲେଣି। ଏଥିସହ ସେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସଙ୍କ ନାମରେ ଥିବା ପୂର୍ବ ରେକର୍ଡ ଭଙ୍ଗ କରିଛନ୍ତି। ବେଟ୍ସ ୧୭୮ଟି ମ୍ୟାଚ୍ ଖେଳି ୪,୭୫୮ ରନ୍ ସଂଗ୍ରହ କରିଛନ୍ତି। ସେହିପରି ଭାରତୀୟ ଦଳର ଅଧିନାୟିକା ହର୍ମନପ୍ରୀତ କୌର ୨୦୭ଟି ମ୍ୟାଚ୍ ଖେଳି ୪,୨୮୭ ରନ୍ ସହ ତୃତୀୟ ଏବଂ ଶ୍ରୀଲଙ୍କା ଦଳର ଅଧିନାୟିକା ଚାମରି ଆଟାପଟୁ ୧୭୦ଟି ମ୍ୟାଚ୍ ଖେଳି ୪,୧୩୬ରନ୍ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି।

# ଭାରତ ଆସିବ ପାକିସ୍ତାନ ହକି ଦଳ : ପ୍ରକାଶ ପାଇଲା ମ୍ୟାଚ୍ ସୂଚୀ

**ଚଣ୍ଡିଗଡ଼**



ପାକିସ୍ତାନର ହକି ଦଳ ଆସନ୍ତା ମାସରେ ଭାରତ ମାଟିରେ ନଜର ଆସିବ। ୨୭ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ପଞ୍ଜାବରେ ହେବାକୁ ଥିବା ଏଏଚ୍‌ଏଫ୍ ପୁରୁଷ ଏସିଆନ ଚାମ୍ପିଅନ୍ସ ଟ୍ରଫି ୨୦୨୬ରେ ପାକିସ୍ତାନ ସମେତ ଛଅଟି ଦଳ ଭାଗ ନେବେ। ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ସୋମବାର ପାକିସ୍ତାନର ଅଂଶଗ୍ରହଣକୁ ନେଇ ସ୍ପଷ୍ଟ କରିଛନ୍ତି ଏବଂ କହିଛନ୍ତି ଯେ ବହୁରାଷ୍ଟ୍ରୀୟ ପ୍ରତିଯୋଗିତା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଅନୁଯାୟୀ ଉଭୟ ଦେଶର ଦଳ ପରସ୍ପରର ସାମ୍ନାସାମ୍ନି ହେବେ।

ଏଏଚ୍‌ଏଫ୍ ପୁରୁଷ ଏସିଆନ ଚାମ୍ପିଅନ୍ସ ଟ୍ରଫି ଆସନ୍ତା ୨୭ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ ଏବଂ ପାକିସ୍ତାନ ବ୍ୟତୀତ ଚୀନ୍, ଜାପାନ, ମାଲେସିଆ ଓ କୋରିଆ ଭାଗ ନେବେ। ଲିଗ୍ ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ଜଲନ୍ଧରରେ ଖେଳାଯିବାକୁ ଥିବାବେଳେ, ସେମିଫାଇନାଲ ଏବଂ ଫାଇନାଲ ମୋହାଲିର ହକି ଷ୍ଟାଡିୟମରେ ଆୟୋଜିତ ହେବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମହାମୁକାବିଲା ୧ ନଭେମ୍ବରରେ ଜଲନ୍ଧରରେ ଖେଳାଯିବ। କୌଣସି ଦଳ ଓହରିଯିବା ସ୍ଥିତିରେ ଓମାନ ଏବଂ ବାଂଲାଦେଶକୁ ରିଜର୍ଭ ଦଳ ଭାବେ ରଖାଯାଇଛି।

ପାକିସ୍ତାନର ଅଂଶଗ୍ରହଣ ଏବଂ ଆବଶ୍ୟକୀୟ ଅନୁମତିକୁ ନେଇ ପଚରାଯାଇଥିବା ପ୍ରଶ୍ନ ଉପରେ ଭଗବନ୍ତ ମାନ କହିଛନ୍ତି ଯେ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଉଭୟ ଦେଶ ଖେଳିବାରେ କୌଣସି ଅସୁବିଧା ନାହିଁ। ତେବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜର ଆୟୋଜନ ଏକ ଭିନ୍ନ ପ୍ରସଙ୍ଗ। କେନ୍ଦ୍ର ସରକାରଙ୍କ ବର୍ତ୍ତମାନର ନୀତି ପାକିସ୍ତାନ ସହିତ ଦ୍ୱିପାକ୍ଷିକ କ୍ରୀଡ଼ା ଆୟୋଜନ ପାଇଁ ଅନୁମତି ଦିଏ ନାହିଁ। କିନ୍ତୁ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଉଭୟ ଦେଶର ଖେଳାଳିମାନଙ୍କୁ ପରସ୍ପର ବିପକ୍ଷରେ ଖେଳିବାକୁ ଅନୁମତି ରହିଛି। ଏହି କାରଣରୁ ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନ ଦଳ ଭାରତ ଆସିପାରିବ।

ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ବର୍ତ୍ତମାନର ଚାମ୍ପିଅନ୍ ଭାବରେ ଓହ୍ଲାଇବ। ଭାରତ ୨୦୨୩ରେ ଚେନ୍ନାଇ ଏବଂ ୨୦୨୪ରେ ଚୀନ୍‌ର ହୁଲୁନବୁଇର ଠାରେ ଏସିଆନ ଚାମ୍ପିଅନ୍ସ ଟ୍ରଫିର ଟାଇଟଲ୍ ନିଜ ନାମରେ କରିଥିଲା। ଗତବର୍ଷ ଏହି ପ୍ରତିଯୋଗିତା ଆୟୋଜିତ ହୋଇପାରି ନଥିଲା। ବର୍ତ୍ତମାନ ପଞ୍ଜାବ ପ୍ରଥମ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବ। ଲିଗ୍ ପର୍ଯ୍ୟାୟର ମ୍ୟାଚ୍ ଗୁଡ଼ିକ ଜଲନ୍ଧରରେ ହେବା ପରେ ଟାଇଟଲ୍‌ର ନିଷ୍ପତ୍ତି ମୋହାଲିରେ ହେବ।

ପାକିସ୍ତାନର ଚଳିତଥରର ଅଂଶଗ୍ରହଣ ଏଥିପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଗତବର୍ଷ ତାମିଲନାଡୁରେ ଆୟୋଜିତ ଜୁନିୟର ହକି ବିଶ୍ୱକପ୍‌ରୁ ସେ ନିଜ ନାମ ପ୍ରତ୍ୟାହାର କରିନେଇଥିଲା। ଉଭୟ ଦେଶ ମଧ୍ୟରେ ଥିବା ତିକ୍ତତାକୁ ଏହାର କାରଣ ବୋଲି କୁହାଯାଇଥିଲା। ଏଥର ସ୍ଥିତି ଭିନ୍ନ ଅଛି ଏବଂ ପାକିସ୍ତାନ ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଭାଗ ନେବା ପାଇଁ ପ୍ରସ୍ତୁତ ଅଛି ବୋଲି କୁହାଯାଉଛି।

# ମହିଳା ଏସିଆ କପ୍ ବିଜୟ ପାଇଁ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଲୋକସଭା ବାଚସ୍ପତି



**ନୂଆଦିଲ୍ଲୀ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ଭାରତୀୟ ମହିଳା କ୍ରିକେଟ୍ ଦଳକୁ ମହିଳା ଟି୨୦ ଏସିଆ କପ୍ ୨୦୨୬ ଜିତିବା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟ୍ୱିଟର୍‌ରେ କହିଛନ୍ତି ଯେ ଭାରତୀୟ ମହିଳା ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଛି, ସମସ୍ତ ମ୍ୟାଚ୍ ଜିତିଛି ଏବଂ ଦେଶ ପାଇଁ ସମ୍ମାନ ଆଣିଛି। ଖେଳାଳିମାନଙ୍କୁ ଯୁବପିଢ଼ି, ବିଶେଷକରି ଝିଅମାନଙ୍କ ପାଇଁ ପ୍ରେରଣାର ଏକ ମହାନ ଉତ୍ସ ବୋଲି କହି ସେ ଭବିଷ୍ୟତରେ ସେମାନଙ୍କର ସଫଳତା କାମନା କରିଛନ୍ତି।

ରାଷ୍ଟ୍ରପତି ଏସିଆ କପ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜୁନିଅର ପୁରୁଷ ଏବଂ ମହିଳା ହକି ଦଳକୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ଯୁବ ଖେଳାଳିଙ୍କ ସମର୍ପଣ, ଶୃଙ୍ଖଳା ଏବଂ ଦଳଗତ ମନୋଭାବ ଦେଶ ପାଇଁ ଗର୍ବର ବିଷୟ। ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ କହିଛନ୍ତି ଯେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଖେଳାଳିଙ୍କ ବିଜୟ ଧାରା, ସେମାନଙ୍କର ଉତ୍କୃଷ୍ଟ ଦଳଗତ କାର୍ଯ୍ୟ ଏବଂ ଅଟଳ ଦୃଢ଼ତା ଦେଶ ପାଇଁ ସମ୍ମାନ ଆଣିବ। ସେ ଆଶା ପ୍ରକାଶ କରିଛନ୍ତି ଯେ ଏହି ସଫଳତା ଅଗଣିତ ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା, କ୍ରୀଡ଼ା ଗ୍ରହଣ କରିବା ଏବଂ ଉତ୍କର୍ଷ ହାସଲ କରିବା ପାଇଁ ପ୍ରେରଣା ଦେବ। ସେ ଜୁନିଅର ମହିଳା ହକି ଦଳକୁ ଏସିଆ କପ୍ ଟାଇଟଲ ବଜାୟ ରଖିବା ଏବଂ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହିବା ପାଇଁ ଅଭିନନ୍ଦନ ଜଣାଇଥିଲେ। ଫାଇନାଲରେ ଜୁନିଅର ପୁରୁଷ ହକି ଦଳର ୪-୧ ବିଜୟ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଯୁବ ଖେଳାଳିଙ୍କ ଦକ୍ଷତା, ଶୃଙ୍ଖଳା ଏବଂ ଦୃଢ଼ ପ୍ରତିବଦ୍ଧତା ପ୍ରେରଣାଦାୟକ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ମହିଳା ଦଳକୁ ଏସିଆ କପ୍ ଜିତିବା ପାଇଁ ଅଭିନନ୍ଦନ ଜଣାଇ ଏହାକୁ ଭାରତୀୟ କ୍ରିକେଟ୍ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଦଳର ଆତ୍ମବିଶ୍ୱାସ, ସ୍ଥିରତା ଏବଂ ମନୋବଳ ସ୍ପଷ୍ଟ ଥିଲା। ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ଯେ ଏହି ବିଜୟ ଦେଶର ଲକ୍ଷ ଲକ୍ଷ ଯୁବକଙ୍କୁ ଅଂଶଗ୍ରହଣ ଏବଂ କ୍ରୀଡ଼ାକୁ ଆଗକୁ ନେବାକୁ ପ୍ରେରଣା ଦେବ। ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଯେ ଭାରତୀୟ ମହିଳା ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ନ ହାରି ଟାଇଟଲ ଜିତିଛି, ଅଷ୍ଟମ ଥର ପାଇଁ ଏସିଆ କପ୍ ଜିତିଛି। ସେ କହିଛନ୍ତି ଯେ ପ୍ରତ୍ୟେକ ମ୍ୟାଚ୍‌ରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ଦଳଗତ ମନୋଭାବ ସହିତ ଖେଳି ମହିଳା କ୍ରିକେଟର୍‌ମାନେ ସେମାନଙ୍କର ପ୍ରତିଭା ଏବଂ ଦୃଢ଼ ପ୍ରତିଜ୍ଞା ପ୍ରଦର୍ଶନ କରିଛନ୍ତି। ବିର୍ଲା କହିଛନ୍ତି ଯେ ଏହି ବିଜୟ କେବଳ ଏକ ଟ୍ରଫି ନୁହେଁ, ବରଂ ଦେଶର ଝିଅମାନଙ୍କ ଶକ୍ତି, କଠିନ ପରିଶ୍ରମ ଏବଂ ସ୍ୱପ୍ନର ବିଜୟ। ସେ କହିଛନ୍ତି ଯେ ଭାରତୀୟ ମହିଳା ଖେଳାଳିମାନଙ୍କ ଏହି ସଫଳତା ଯୁବକମାନଙ୍କୁ, ବିଶେଷକରି ଝିଅମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, କଠିନ ପରିଶ୍ରମ କରିବା ଏବଂ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ଦେବ।

# ଆକ୍ରମଣାତ୍ମକ ସେଲିବ୍ରେସନ ପଡ଼ିଲା ଭାରି !

## ଭାରତୀୟ ଦ୍ରୁତ ବୋଲର ଉପରେ ଜରିମାନା ଲଗାଇଲା ଆଇସିସି

**ଦୁବାଇ**



ଦୁବାଇରେ ଖେଳାଯାଇଥିବା ମହିଳା ଟି୨୦ ଏସିଆ କପ୍‌ର ଫାଇନାଲ ମ୍ୟାଚ୍ ପରେ ଭାରତୀୟ ଦ୍ରୁତ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଆଇସିସି କଠୋର ଦଣ୍ଡ ଶୁଣାଇଛି। ମ୍ୟାଚ୍ ଚାଲିଥିବା ସମୟରେ ଆଇସିସିର ଆଚରଣ ସଂହିତା ନିୟମ ଉଲ୍ଲଙ୍ଘନ କରିବା ଅଭିଯୋଗରେ କ୍ରାନ୍ତିଙ୍କ ଉପରେ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା ଲଗାଯାଇଛି। ଶ୍ରୀଲଙ୍କା ଇନିଂସର ପ୍ରଥମ ଓଭରରେ ଇମିଶା ଦୁଲାନିଙ୍କୁ ଆଉଟ୍ କରିବା ପରେ କ୍ରାନ୍ତି ଆକ୍ରମଣାତ୍ମକ ଶୈଳୀରେ ପାଭିଲିୟନ ଆଡ଼କୁ ଇସାରା କରି ସେଲିବ୍ରେସନ କରିଥିଲେ।

କ୍ରାନ୍ତି ଗୌଡ଼ଙ୍କୁ ଆଇସିସି ନିୟମର ଆର୍ଟିକିଲ୍ ୨.୫ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହା ଖେଳ ପଡ଼ିଆରେ ହେଉଥିବା ଏକ ଲେଭଲ୍-୧ର ଅପରାଧ ଅଟେ। ଏହି ନିୟମ ସେତେବେଳେ ଲାଗୁ ହୁଏ, ଯେତେବେଳେ କୌଣସି ବୋଲର କିମ୍ବା ଖେଳାଳି ଆଉଟ୍ ହୋଇଥିବା ବ୍ୟାଟ୍ସମ୍ୟାନଙ୍କ ସାମ୍ନାରେ ଅପଶବ୍ଦ ବ୍ୟବହାର କରନ୍ତି କିମ୍ବା ଅନୁଚିତ ଇସାରା କରନ୍ତି କିମ୍ବା ତାଙ୍କୁ ଉତ୍ତେଜିତ କରିବାକୁ ଚେଷ୍ଟା କରନ୍ତି। କ୍ରାନ୍ତି ଗୌଡ଼ଙ୍କ ଉପରେ ମଧ୍ୟ ସମାନ ଅଭିଯୋଗ ଲାଗିଛି ଯେ ସେ ବିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରିବା ପରେ ଆକ୍ରମଣାତ୍ମକ ଶୈଳୀରେ ପାଭିଲିୟନ ଯିବାକୁ ଇସାରା କରି ତାଙ୍କୁ ଉସୁକାଇଥିଲେ। କ୍ରାନ୍ତି ଗତ ଦୁଇ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ନିୟମ ଭାଙ୍ଗିଛନ୍ତି, ତେଣୁ ତାଙ୍କ ଖାତାରେ ୧ ଡିମେରିଟ୍ ପଏଣ୍ଟ ମଧ୍ୟ ଯୋଡ଼ା ଯାଇଛି।

ଏହି ଘଟଣା ଶ୍ରୀଲଙ୍କା ଇନିଂସର ପ୍ରଥମ ଓଭରରେ ହିଁ ଘଟିଥିଲା। ଶ୍ରୀଲଙ୍କାର ବ୍ୟାଟ୍ସମ୍ୟାନ୍ ଇମିଶା ଦୁଲାନି, କ୍ରାନ୍ତି ଗୌଡ଼ଙ୍କ ପ୍ରଥମ ବଲ୍‌ରେ ଫାଇନ୍ ଲେଗ୍ ଆଡ଼କୁ ଶଟ୍ ଖେଳି ଚୌକା ମାରିଥିଲେ। କିନ୍ତୁ ତିନିଟି ବଲ୍ ପରେ ଯେତେବେଳେ ସେ ପୁଣି ସେହି ସମାନ ଶଟ୍ ଖେଳିବାକୁ ଚେଷ୍ଟା କଲେ, ସେତେବେଳେ ସେ ଆଉଟ୍ ହୋଇଯାଇଥିଲେ। ୱିକେଟ୍ ମିଳିବା ମାତ୍ରେ କ୍ରାନ୍ତି ରାଗରେ ଦୁଲାନିଙ୍କୁ ସେଣ୍ଡ-ଅଫ୍ ଦେଇଥିଲେ। ମ୍ୟାଚ୍ ରେଫରି ସୁପ୍ରିୟା ରାନୀ ଦାସ ଯେତେବେଳେ କ୍ରାନ୍ତିଙ୍କ ଏହି ଆଚରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଲେ, ସେତେବେଳେ କ୍ରାନ୍ତି କୌଣସି ତର୍କ ନକରି ନିଜର ଭୁଲ୍ ସ୍ୱୀକାର କରିନେଇଥିଲେ। ଏହି କାରଣରୁ ଏହି ମାମଲାରେ କୌଣସି ଅଲଗା ଶୁଣାଣିର ଆବଶ୍ୟକତା ପଡ଼ିନଥିଲା।

# ପରାଜୟ ପରେ ପାକିସ୍ତାନକୁ ଡବଲ୍ ଝଟ୍‌କା, ଆଇସିସି ଦେଲା ୨ଟି ବଡ଼ ଦଣ୍ଡ

**ଦୁବାଇ**




ବର୍ମିଂହାମରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ୍‌ରେ ଧୀମା ଓଭର ବୋଲିଂ ପାଇଁ ଭ୍ରମଣକାରୀ ପାକିସ୍ତାନକୁ ବଡ଼ ଦଣ୍ଡ ମିଳିଛି। ଏହି ଦଳକୁ ସୋମବାର ଜରିମାନା ବାବଦରେ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ସହ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍ ପଏଣ୍ଟ ଖାତାରୁ ୧୧ ପଏଣ୍ଟ କାଟି ଦିଆଯାଇଛି। ବାବର ଆଜମଙ୍କ ନେତୃତ୍ୱାଧୀନ ଏହି ଦଳ ନିର୍ଦ୍ଧାରିତ ସମୟରେ ୧୧ ଓଭର କମ୍ ପାକାଇ ଥିଲା। ଆଇସିସିର ଖେଳାଳି ଓ ଖେଳାଳିଙ୍କ ସହ ସଂପୃକ୍ତ ଅଧିକାରୀ ମାନଙ୍କ ପାଇଥିବା ଆଚରଣବିଧିର ଧାରା ୨.୨୨ ଅନୁଯାୟୀ ଏହି ଦଣ୍ଡ ଦିଆଯାଇଛି। ଏହି ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଦଳ ପକ୍ଷରୁ କମିଥିବା ପ୍ରତି ଓଭର ପିଛା ଖେଳାଳିଙ୍କ ମ୍ୟାଚ୍ ପାଉଣାର ୫ ପ୍ରତିଶତ କିମ୍ବା ସର୍ବାଧିକ ୫୦ ପ୍ରତିଶତ କଟାଯିବ।

ଏହା ସହ ଆଇସିସି ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଖେଳ ନିୟମର ଧାରା ୧୬.୧୧.୨ ଅନୁଯାୟୀ ଗୋଟିଏ ଦଳ ନିର୍ଦ୍ଧାରିତ ସମୟରେ ପ୍ରତି କମ୍ ଓଭର ପାଇଁ ଗୋଟିଏ ପଏଣ୍ଟ କଟାଯିବ। ସେହି ଅନୁଯାୟୀ ପାକିସ୍ତାନ ୧୧ ଓଭର କମ୍ ପକାଇଥିବାରୁ ୧୧ ଡବ୍ଲ୍ୟୁଟିସି ପଏଣ୍ଟ କଟାଯାଇଛି। ଫଳରେ ସଂପ୍ରତି ପାକିସ୍ତାନ ୪.୬୩ ପଏଣ୍ଟ ପ୍ରତିଶତ ସହ ୯ ଦଳୀୟ ଟେବୁଲର ଶେଷ ସ୍ଥାନରେ ରହିଛି ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପଡ଼ିଆ ଅମ୍ପାୟାର ପଲ ରିଫେଲ, କ୍ରିସ୍ ଗାଫାନି, ତୃତୀୟ ଅମ୍ପାୟାର ଆଲ୍ଲାହୁଦିନ ପାଲେକର ଓ ଚତୁର୍ଥ ଅମ୍ପାୟାର ରସେଲ ୱାରେନଙ୍କ ଉପସ୍ଥିତିରେ ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେ ଏହି ଦଣ୍ଡ ଶୁଣାଇଛନ୍ତି। ତୃତୀୟ ଟେଷ୍ଟକୁ ୮ ୱିକେଟ୍ ହାରିଥିବା ପାକିସ୍ତାନ ଶୃଙ୍ଖଳା ୦-୩ରେ ମୂଳପୋଛ ହୋଇଥିଲା। ଲିଡ୍‌ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ୍‌ରେ ଏହି ଦଳ ପାଳି ଓ ୧୦୩ ରନ୍ ଏବଂ ଲର୍ଡ୍ସ ଟେଷ୍ଟରେ ୧୯୪ ରନ୍‌ରେ ହାରିଥିଲା।

# ପୂର୍ବତଟ ରେଳପଥ ମୁଖ୍ୟାଳୟରେ ହିନ୍ଦୀ ପଖୱାଡ଼ା-୨୦୨୬ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ ୧୪ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ହିନ୍ଦୀ ପଖୱାଡ଼ା-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ଆରମ୍ଭ ହୋଇଛି। ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ରାଜଭାଷା ହିନ୍ଦୀର ଗୁରୁତ୍ୱ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ପକ୍ଷବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ। ନିଜ ଅଭିଭାଷଣରେ ସେ ୧୪ ସେପ୍ଟେମ୍ବର ୧୯୪୯ରେ ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଥିବାର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ସେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟାପକ ବ୍ୟବହାର ପାଇଁ ଆହ୍ୱାନ କରିଥିଲେ।

ଶ୍ରୀ ଫୁଙ୍କୱାଲ କହିଥିଲେ ଯେ, ହିନ୍ଦୀର ବ୍ୟବହାର କେବଳ ଗୋଟିଏ ଦିନ କିମ୍ବା ପଖୱାଡ଼ା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ସରକାରୀ କାର୍ଯ୍ୟରେ ନିୟମିତ ଭାବେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ। ଏହି ପାଳନର ଏକ ଅଂଶ ସ୍ୱରୂପ, ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯେଉଁଥିରେ ରେଳ ସୁରକ୍ଷା ସ୍ଲୋଗାନ ଲିଖନ ପ୍ରତିଯୋଗିତା, ଯାତ୍ରୀ ଅଭିଯୋଗ ନିରାକରଣ ଚିଠା ପ୍ରସ୍ତୁତି ପ୍ରତିଯୋଗିତା, ହିନ୍ଦୀ ବନାନ ଓ ବାକ୍ୟ ସଂଶୋଧନ ପ୍ରତିଯୋଗିତା, ରେଳ ସମ୍ବନ୍ଧୀୟ ଶବ୍ଦ ସନ୍ଧାନ ଓ ସଙ୍କେତ ଚିହ୍ନଟ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା ଏବଂ ହିନ୍ଦୀ କର୍ମଶାଳା ଅନ୍ତର୍ଭୁକ୍ତ। ଏହି ସବୁ କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକାରୀ ମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ କାମରେ ଧୀରେଧୀରେ ହିନ୍ଦୀ ଭାଷା ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା। ସରକାରୀ କାର୍ଯ୍ୟରେ ରାଜଭାଷାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଭାରତ ସରକାରଙ୍କ ନୀତି ଅନୁଯାୟୀ ପ୍ରତିବର୍ଷ ସମଗ୍ର ଭାରତୀୟ ରେଳବାଇରେ ହିନ୍ଦୀ ପଖୱାଡ଼ା ପାଳନ କରାଯାଏ।

# ଏସୀୟ କ୍ରୀଡ଼ା ଏବଂ ଏଫ୍‌ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍-୨୦୨୬

## ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ଆଥଲେଟ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବିଶ୍ୱ ଜିମ୍ନାଷ୍ଟିକ୍ସ କ୍ଷେତ୍ରରେ ଭାରତର ସ୍ଥିତିକୁ ସୁଦୃଢ଼ କରି ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିଏଚପିସି)ର ତିନି ଜଣ ଆଥଲେଟ୍ ପ୍ରମୁଖ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ ହେବାକୁ ଥିବା ୨୦ତମ ଏସିଆନ୍ ଗେମ୍ସ ୨୦୨୬ରେ ଅଲମ୍ପିଆନ୍ ପ୍ରଣତି ନାୟକ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ପାଇଁ ମନୋନୀତ ହୋଇଥିବାବେଳେ, ତପନ ମହାନ୍ତି ଏବଂ ସତ୍ୟଜିତ ମଣ୍ଡଳ ସେପ୍ଟେମ୍ବର ୧୮ରୁ ୨୦ ପର୍ଯ୍ୟନ୍ତ ହଙ୍ଗେରୀର ଜୋମ୍ବାଥେଲିଠାରେ ଅନୁଷ୍ଠିତ ହେବାକୁ ଥିବା ଏଫଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ୨୦୨୬ରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଏସିଆନ୍ ଗେମ୍ସ ପାଇଁ ମନୋନୀତ ହୋଇଥିବା ଭାରତର ଏକମାତ୍ର ଜିମ୍ନାଷ୍ଟ ପ୍ରଣତି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର 'ମହିଳା ଭଲ୍ଟ' ଏବଂ 'ମହିଳା ଅଲ୍-ରାଉଣ୍ଡ' ଇଭେଣ୍ଟରେ ଭାଗ ନେବେ। ଏଫଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପରେ, ତପନ ଫ୍ଲୋର୍ ଏବଂ ପାରାଲାଲ୍ ବାର୍ସରେ ଅଂଶଗ୍ରହଣ କରୁଥିବାବେଳେ ସତ୍ୟଜିତ ଭଲ୍ଟରେ ଅଂଶଗ୍ରହଣ କରିବେ। ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ ଏବଂ ପ୍ରଶାସନ ନିର୍ଦ୍ଦେଶକ ଏବଂ ଉପାଧ୍ୟକ୍ଷ ଆଶୁତୋଷ ତେଲାଙ୍ଗ କହିଛନ୍ତି, ଏସିଆନ ଗେମ୍ସ ପାଇଁ ଭାରତର ଏକମାତ୍ର ଜିମ୍ନାଷ୍ଟ ଭାବରେ ପ୍ରଣତିଙ୍କ ଚୟନ ଏବଂ ଏଫଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ପାଇଁ ତପନ ଏବଂ ସତ୍ୟଜିତଙ୍କ ଚୟନ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ସେମାନଙ୍କର ସ୍ଥିରତା, ଶୃଙ୍ଖଳା ଏବଂ ଦୃଢ଼ତାକୁ ପ୍ରତିଫଳିତ କରେ। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ, ଆମର ଧ୍ୟାନ ଖେଳାଳିମାନଙ୍କୁ ସର୍ବୋଚ୍ଚ ସ୍ତରରେ ପ୍ରତିଯୋଗିତା କରିବା ପାଇଁ ଆବଶ୍ୟକ ତାଲିମ ଏବଂ ସମର୍ଥନ ପ୍ରଦାନ କରେ। ବିଶ୍ୱ ମଞ୍ଚରେ ଭାରତର ପ୍ରତିଭା ପ୍ରଦର୍ଶନ କରିବା ଅବସରରେ ଆମେ ସେମାନଙ୍କୁ ଶୁଭକାମନା ଜଣାଉଛୁ।

ପୂର୍ବରୁ, ପ୍ରଣତି ଟୋକିଓ ୨୦୨୦ ଅଲିମ୍ପିକ୍ ଗେମ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିରନ୍ତର ଦୃଢ଼ ପ୍ରଦର୍ଶନ କରିଛନ୍ତି। ୨୦୨୬ ମସିହାରେ, ସେ ତାସକେଣ୍ଟରେ ଏଫଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପରେ ରୌପ୍ୟ ଏବଂ ୫୪ତମ ଅଲ୍ ଇଣ୍ଡିଆ ରେଲୱେ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ, ଏହା ବ୍ୟତୀତ ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ ଗେମ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୫ ମସିହାରେ, ସେ ଏସୀୟ କଳାତ୍ମକ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍ ଏବଂ ଏଫଆଇଜି ଆପରଟସ ୱାର୍ଲ୍ଡ କପରେ କାଂସ୍ୟ ପଦକ ଜିତିଥିଲେ, ଏବଂ ୩୮ତମ ଜାତୀୟ ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ହାସଲ କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ସେ ଜାତୀୟ ଚାମ୍ପିଅନସିପ୍ ଏବଂ ଅନ୍ତର୍ଜାତୀୟ ଏଫଆଇଜି ଇଭେଣ୍ଟରେ ଅନେକ ପଦକ ମଧ୍ୟ ଜିତିଛନ୍ତି। ୫୦ ଜଣ ଶ୍ରେଷ୍ଠ ଆଥଲେଟ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ତପନ ମହାନ୍ତି ଏବଂ ସତ୍ୟଜିତ ମଣ୍ଡଳ ଏଫଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ପାଇଁ ଭାରତର ୬ ଜଣିଆ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଦଳରେ ନିଜ ସ୍ଥାନ ସୁରକ୍ଷିତ କରିଛନ୍ତି। ସେମାନଙ୍କର ଏହି ଅଂଶଗ୍ରହଣ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବା ସହିତ ବିଶ୍ୱସ୍ତରୀୟ ପ୍ରତିଯୋଗୀଙ୍କ ସହ ନିଜ ଦକ୍ଷତା ପ୍ରଦର୍ଶନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ।

ଭୁବନେଶ୍ୱରରେ ଥିବା ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ସ୍ୱତନ୍ତ୍ର ପ୍ରଶିକ୍ଷଣ, ତାଲିମ ଭିତ୍ତିଭୂମି ଏବଂ ଖେଳାଳି ସହାୟତା ମାଧ୍ୟମରେ ଉଚ୍ଚ-ପ୍ରଦର୍ଶିତ ଜିମ୍ନାଷ୍ଟଙ୍କ ବିକାଶକୁ ସମର୍ଥନ କରେ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଖେଳାଳିମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତାର ସହିତ ପ୍ରତିଯୋଗିତା କରିବା। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର କିପରି ଉତ୍କର୍ଷର କେନ୍ଦ୍ର ଭାବରେ ଏହାର ଭୂମିକାକୁ ପୁନଃନିର୍ଦ୍ଦେଶିତ କରିବା ସହ, କ୍ରୀଡ଼ାର ସର୍ବୋଚ୍ଚ ସ୍ତରରେ ସଫଳ ହେବା ପାଇଁ ଖେଳାଳିମାନଙ୍କୁ ପ୍ରସ୍ତୁତ କରୁଛି ତାହା ପ୍ରଣତି, ତପନ ଏବଂ ସତ୍ୟଜିତ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଭାଗ ନେବା ହିଁ ଦର୍ଶାଉଛି।

# ଏକାମ୍ର କଲେଜ ପୁରାତନ ଛାତ୍ର ସଂଘର ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏକାମ୍ର କଲେଜର ପୁରାତନ ଛାତ୍ର ସଂଘର ଏକ ବୈଠକ ଗତ ୧୪.୦୯.୨୦୨୬, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହସନ୍ ଇମାମ୍ ଖାନଙ୍କ ଅଧ୍ୟକ୍ଷତାରେ ପରିଚାଳନ କରାଯାଇଥିଲା। ଏଥିରେ ରମାକାନ୍ତ ପ୍ରଧାନ, ସରୋଜ ଆଚାର୍ଯ୍ୟ, ଶିବପ୍ରସାଦ ମିଶ୍ର, ବନବିହାରୀ ମହାନ୍ତି, ଅବତାର ସିଂ, ସୁବିର ବାନାର୍ଜୀଙ୍କ ସହଯୋଗରେ ଅନୁଷ୍ଠିତ ବୈଠକରେ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବୈଠକର ମଧ୍ୟ ଭାଗରେ ଛାତ୍ରଛାତ୍ରୀମାନଙ୍କର ପରଲୋକ ଶୋକ ପ୍ରକାଶ କରାଯାଇଥିଲା। ବହୁପୁରାତନ ଛାତ୍ର ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ଅନ୍ୟତ୍ର ରହୁଥିବାରୁ ନିଜ ମଧ୍ୟରେ ସହଯୋଗୀ ବୃଦ୍ଧି ଓ କେତେକ ଗଠନମୂଳକ କାର୍ଯ୍ୟରେ ସାମିଲ ହେବା ଲାଗି ଇଛା ପ୍ରକାଶ କରିଥିଲେ। ପାରସ୍ପରିକ ସହଯୋଗ ବୃଦ୍ଧି ଓ କେତେକ ଗଠନମୂଳକ କାର୍ଯ୍ୟରେ ଭାଗନେବା ପାଇଁ ଆଗ୍ରହୀ ପୁରାତନ ସାଥୀମାନେ ଡ. ହସନ୍ ଇମାମ ଖାନ୍‌ଙ୍କ ମୋବାଇଲ ନଂ. ୯୪୩୭୦୨୧୯୭୨ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା।




ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସରରେ 'ଲିଆ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ସଭାରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ପ୍ରଦୀପ କୁମାର ଦେହୁରୀଙ୍କୁ 'ଓଡ଼ିଶା ଗୌରବ' ସମ୍ମାନରେ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି ଭୁବନେଶ୍ୱର ମେୟର ସୁଲୋଚନା ଦାସ।

# ନୂଆଁଖାଇ ଲାଗି ସାଲେଭଟା ଗାଁରୁ ପାଟଣେଶ୍ୱରୀ ମନ୍ଦିରକୁ ପହଞ୍ଚିଲା ନୂଆଁ ଧାନ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**



ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ କରିବା ପାଇଁ ଦେବାଳୟ ସୁରକ୍ଷା କମିଟିର ପ୍ରୟାସ। ପୁରପଲ୍ଲିରୁ ନୂଆଁଖାଇ ପାଇଁ ସହର ବେଶ ଚଳଚଞ୍ଚଳ ଥିବା ବେଳେ ପାଟଣା (କୋଶଳ) ରାଜ୍ୟର ଇଷ୍ଟଦେବୀ ତଥା ୪୮ପାଟ ଅର୍ଥାତ୍ ଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀ ମନ୍ଦିରକୁ ନୂଆଁଖାଇ ପାଇଁ ସାଲେଭଟା ଗାଁରୁ ଦେବୀଙ୍କ ଚାଷ ଜମିରୁ ନୂଆଁ ଧାନ ଓ ପାହୁର ପାଟଣେଶ୍ୱରୀ ମନ୍ଦିରକୁ ପହଞ୍ଚିଲା। ବଲାଙ୍ଗିର ସହରର ଲୋକନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ପାଟଣେଶ୍ୱରୀ ମନ୍ଦିରରେ ପହଞ୍ଚିଲା। ମନ୍ଦିର ପୂଜକ ଅଭିଳାଷ ଦିସ୍ରୀ ସବୁ ସାମଗ୍ରୀକୁ ବେଦମନ୍ତ୍ର ସହ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲେ। ପାଟଣେଶ୍ୱରୀ ଦେବୀ ପ୍ରଥମେ ଲଗ୍ନ ଅନୁସାରେ ନବାନ୍ନ ଅର୍ପଣ କରିବା ପାଇଁ ଯାହା ନୀତି ନିର୍ଘଣ୍ଟ ରହିଛି ସେହି ସମୟରେ ମା'ଙ୍କୁ ନବାନ୍ନ ଲଗାଯିବ। ଏହି ଅବସରରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଭକ୍ତମାନଙ୍କ ପାଇଁ ୨ହଜାରରୁ ଅଧିକ ନବାନ୍ନ ବଣ୍ଟନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୋମବାର ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଓ ସାଲେଭଟା ଗ୍ରାମର ମନ୍ଦିର କମିଟି ସାମିଲ ଥାଇ ବିଭିନ୍ନ ସାମଗ୍ରୀ ସହ ନୂଆ ଧାନ, ପୂଜା ସାମଗ୍ରୀ ଓ ପାହାର ମନ୍ଦିରକୁ ଅର୍ପଣ କରାଯାଇଥିଲା। ମା'ଙ୍କୁ ପୂଜାର୍ଚ୍ଚନା ପାଇଁ ସାଲେଭଟା ଗ୍ରାମର ନିମାଇଁ ମହାକୁର, ଅଜିତ ମେହେର ସ୍ୱତନ୍ତ୍ର ଧାନ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର, ବିଶିଷ୍ଟ ଲେଖକ ଜୟ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, ଭବାନୀ ଶଙ୍କର ଭୋଇ, ଅରୁଣ କୁମାର ମିଶ୍ର, ରିଣ୍ଟୁ ସାହୁ, ଶମ୍ଭୁ ପ୍ରସାଦ ଶତପଥି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଓକିଲ ବିଜୟ କୁମାର ମିଶ୍ର, ସାତ୍ତ୍ୱିକ ଆଚାର୍ଯ୍ୟ ଓ ବଲାଙ୍ଗିର ସହରର ବହୁ ବୁଦ୍ଧିଜୀବୀ ଅଂଶ ଗ୍ରହଣ କରିଥିଲେ।





ଭୁବନେଶ୍ୱରରେ ଗଣେଶ ପୂଜା- ସହିଦନଗର ସହିଦ କ୍ଲବ



ସହୀଦନଗର ଇନରହ୍ୱିଲ କ୍ଲବ୍



ସିଦ୍ଧ ବିନାୟକ ଯୁବକ ସଂଘ, ଗାଡକଣ



ୟୁନିଟ୍-୯ ମଙ୍ଗଳା ରାଜା ପୂଜା ସମିତି

# ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ଅବ୍ୟବସ୍ଥାକୁ ନେଇ ଛାତ୍ରଛାତ୍ରୀଙ୍କ ଧାରଣା

**କଟକ, ନ୍ୟୁଜ ବ୍ୟୁରୋ**

ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାଂପସରେ ଅସୁରକ୍ଷିତ ଛାତ୍ରଛାତ୍ରୀ ! ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଛି କ'ଣ ? କଟକିଆଙ୍କ ଇଏ ଗର୍ବ ଗୌରବ । କଟକିଆଙ୍କ ଇଏ ବି ସ୍ୱାଭିମାନ । ହେଲେ ଏହି ସ୍ୱାଭିମାନକୁ ସତେ ଯେମିତି ଦଳିମକଚି ଦିଆଯାଉଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ଅବ୍ୟବସ୍ଥାକୁ ନେଇ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ । ହଷ୍ଟେଲ ସୁବିଧାଠାରୁ ଆରମ୍ଭ କରି ପାଠପଢ଼ା ପାଇଁ ଆବଶ୍ୟକ ଭିତ୍ତିଭୂମି ନଥିବା ଅଭିଯୋଗ ହୋଇଛି । ତା' ସହ କ୍ୟାମ୍ପସରେ ଅନାବନା ଗଛ ଓ ବୁଦା ବଢ଼ି ଯାଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ଉଠିଛି ପ୍ରଶ୍ନ । ହଷ୍ଟେଲ




ଆରମ୍ଭ ହୋଇଥିଲେ ମଧ୍ୟ କୌଣସି ଅଧ୍ୟାପକ, ଅଧ୍ୟାପିକା କିମ୍ବା ୱାର୍ଡେନ୍ କ୍ୟାମ୍ପସରେ ରହୁନାହାନ୍ତି । କ୍ଲାସରୁମରେ ସ୍ମାର୍ଟ ବୋର୍ଡ ଲାଗିଥିଲେ ମଧ୍ୟ ତା' କାମ କରୁନାହିଁ । ଏହାସହ ମେଡିକାଲ ସୁବିଧା ଓ ୟୁନିଭର୍ସିଟି ବସ୍ ସେବା ନଥିବାରୁ ଜରୁରୀ ସମୟରେ ଛାତ୍ରଛାତ୍ରୀଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। କେବଳ ଏତିକି ନୁହେଁ, ଫିଜିକ୍ସ ଓ କେମିଷ୍ଟ୍ରି ଲାବ୍ ନଥିବାରୁ ପ୍ରାକ୍ଟିକାଲ ପାଇଁ ୧୫ କିଲୋମିଟର ଦୂରରେ ଥିବା ପ୍ରଥମ କ୍ୟାଂପସକୁ ବାରମ୍ବାର ଯିବାକୁ ପଡୁଛି । ଏସବୁ ସମସ୍ୟା ନେଇ ପୂର୍ବରୁ ଅନେକ ଥର ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନଥିବା ଛାତ୍ରଛାତ୍ରୀ କହିଛନ୍ତି । ଅନ୍ୟପଟେ ଛାତ୍ରଛାତ୍ରୀଙ୍କ ଅଭିଯୋଗ ହସ୍ତଗତ ହୋଇଥିବା କହିବା ସହ ଖୁବଶୀଘ୍ର ଦ୍ୱିତୀୟ କ୍ୟାମ୍ପସ ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କୁଳପତି । ତେବେ ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସର ଅବ୍ୟବସ୍ଥା ଧୀରେ ଧୀରେ ଚିନ୍ତାର କାରଣ ପାଲଟୁଥିବା ବେଳେ, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କେବେ ହେବ ତାହାକୁ ଅପେକ୍ଷା।

# ଧରାପଡ଼ିଲା ଓରାଙ୍ଗଉଟାନ ଚାଲାଣର ୨ ମାଷ୍ଟରମାଇଣ୍ଡ୍





**ଭୁବନେଶ୍ୱର/ଭୋଗରାଇ, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ବିଚିତ୍ରପୁର ଜଙ୍ଗଲରୁ ୫ ଓରାଙ୍ଗଉଟାନ ଶାବକ ଉଦ୍ଧାର ଘଟଣାରେ ଅନ୍ତର୍ଜାତୀୟ ଚୋରା ଚାଲାଣକାରୀଙ୍କ ଲିଙ୍କ୍ ରହିଛି। ପଶ୍ଚିବଙ୍ଗ ଦୀଘାସ୍ଥିତ ଗ୍ରାଣ୍ଡ୍ ହେରିଟେଜ୍ ହୋଟେଲର ମାଲିକ ତଥା ହାଓଡା ଆନ୍ଦୋଳ ଅଞ୍ଚଳର ଜୟନ୍ତ ମାଇତି ଓ ତାଙ୍କ ପୁଅ ସୌମ୍ୟଦୀପ ମାଇତି ହିଁ ଏହି ପ୍ରାଣୀ ଚୋରା ଚାଲାଣର ମାଷ୍ଟରମାଇଣ୍ଡ୍। ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ପଶ୍ଚିମବଙ୍ଗର ଦୀଘା ଓ ଓଡ଼ିଶାର ବାଲେଶ୍ୱର ସୀମାରେ ଥିବା ୧୭୦ ସିସିଟିଭି ଯାଞ୍ଚ କରିବା ସହ ଉକ୍ତ ହୋଟେଲର ମ୍ୟାନେଜରଙ୍କ ସମେତ ୫ କର୍ମଚାରୀଙ୍କୁ ପଚରାଉଚରା ପରେ ଏଭଳି ବହୁ ତଥ୍ୟ ହାସଲ କରିଛି। ଉଭୟ ବାପପୁଅଙ୍କ ଇଣ୍ଟରନ୍ୟାଶନାଲ ବନ୍ୟଜନ୍ତୁ ଚାଲାଣକାରୀଙ୍କ ସହ ରହିଛି ନିବିଡ଼ ସମ୍ପର୍କ। ସେମାନେ ଭାରତରୁ ବଜ୍ରକାପ୍ତା, ହାତୀଦାନ୍ତ, ସାପ ସମେତ ବିଭିନ୍ନ ବନ୍ୟପ୍ରାଣୀ ଏବଂ ପଡୋଶୀ ଦେଶରୁ ଓରାଙ୍ଗଉଟାନ ଭଳି ବିରଳ ବନ୍ୟପ୍ରାଣୀ ଚାଲାଣ କରିଥିବା ଜଣାପଡିଛି। ଏହି ବେଆଇନ କାରବାରରୁ କୋଟି କୋଟି ଟଙ୍କା ରୋଜଗାର କରି ହୋଟେଲ ସମେତ ବିପୁଳ ସମ୍ପତ୍ତି ଠୁଳ କରିଛନ୍ତି। ଏଥିସହ ଭାରତର ବିଭିନ୍ନ ଜଙ୍ଗଲରେ ଚାଲିଥିବା ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣରେ ସେମାନଙ୍କର ସମ୍ପୃକ୍ତି ରହିଛି। ସେମାନଙ୍କ ନାମରେ ପଶ୍ଚିମବଙ୍ଗ ସମେତ ଦେଶର ବିଭିନ୍ନ ରାଜ୍ୟରେ ମାମଲା ରହିଥିବା ଏସ୍‌ଟିଏଫ୍ ଟିମ୍ ଜାଣିବାକୁ ପାଇଛି। ଓରାଙ୍ଗଉଟାନ ଶାବକଙ୍କୁ ମ୍ୟାନ୍‌ମାର ଦେଇ ପଶ୍ଚିମବଙ୍ଗକୁ କାର୍‌ରେ ଅଣାଯାଇଥିବା ସ୍ପଷ୍ଟ ହୋଇଛି। କିନ୍ତୁ କେଉଁ ଦେଶରୁ ଚୋରା ଚାଲାଣ କରାଯାଇଥିଲା, ତାହାର ପ୍ରମାଣ ପାଇଁ ଏସ୍‌ଟିଏଫ୍ ତଦନ୍ତକୁ ତ୍ୱରାନ୍ୱିତ କରିଛି। ମାଷ୍ଟରମାଇଣ୍ଡ୍ ଜୟନ୍ତ ଓ ପୁଅ ସୌମ୍ୟଦୀପ ନିଜ ହୋଟେଲରେ ରଖି ଏକ ଘରୋଇ ଫାର୍ମ ହାଉସ୍ ମାଲିକଙ୍କୁ ବିକ୍ରି ପାଇଁ ଯୋଜନା କରିଥିଲେ। ହେଲେ ଡିଲ୍ ବିଫଳ ହେବାରୁ ତରବରିଆ ଭାବେ ବିଚିତ୍ରପୁର ଜଙ୍ଗଲରେ ଛାଡ଼ି ପଳାଇଥିଲେ। ତେବେ ଓରାଙ୍ଗଉଟାନ ଚାଲାଣରେ ଅନ୍ତର୍ଜାତୀୟ ର୍‍ୟାକେଟର ଲିଙ୍କ୍ ସ୍ପଷ୍ଟ ହୋଇଥିବାରୁ ଏସ୍‌ଟିଏଫ୍ ଏବଂ ବନବିଭାଗ ଇଣ୍ଟରପୋଲର ସହାୟତା ଲୋଡ଼ିଛି। ଏପଟେ ହୋଟେଲ ସିସିଟିଭି ହାର୍ଡଡିସ୍କକୁ ନେଇ ଏସ୍‌ଟିଏଫ୍ ଛାନଭିନ କରୁଛି। ରବିବାର ହୋଟେଲ ମାଲିକ ଜୟନ୍ତଙ୍କ ସ୍ତ୍ରୀ ଓ ଝିଅଙ୍କୁ ୫ଘଣ୍ଟା ଧରି ଜେରା କରିଛି ଏସ୍‌ଟିଏଫ୍। ଜୟନ୍ତ ଓ ତାଙ୍କ ପରିବାର ସଦସ୍ୟଙ୍କ ସମେତ ମୋଟ ୧୨ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ୪ ମାସ ପୂର୍ବରୁ ଜୟନ୍ତ ଦୀଘାରେ ହୋଟେଲ ଖୋଲି ବନ୍ୟପ୍ରାଣୀ ଚୋରାଚାଲାଣ ପାଇଁ ଡିଲ୍ କରୁଥିଲେ। ସେହିପରି ତାଙ୍କ ପୁଅ ସୌମ୍ୟଦୀପଙ୍କ ନାମରେ ମଧ୍ୟ ପୂର୍ବରୁ ବିଭିନ୍ନ ଆପରାଧିକ ମାମଲା ଥିବା ଜଣାପଡ଼ିଛି। ଏକ ମାମଲାରେ ୟୁପି ପୋଲିସ ତାଙ୍କୁ ମଧ୍ୟ ଗିରଫ କରିଥିଲା। ତେଣୁ ଫେରାର ଉଭୟ ବାପପୁଅ ଓ ଫାର୍ମ ହାଉସ ମାଲିକଙ୍କୁ ଧରିବା ତଦନ୍ତକାରୀ ଅଧିକାରୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଆହୁରି ମଧ୍ୟ ଅଟକ ଥିବା ୫ଜଣ ଠିକ୍ କହୁନ୍ଥନ୍ତି ନା କିଛି ଲୁଚାଉଛନ୍ତି, ସେଥିପାଇଁ ଏମାନଙ୍କ ମଧ୍ୟରୁ ହୋଟେଲର ମ୍ୟାନେଜର ସମେତ ୩ଜଣଙ୍କ ମିଛଧରା ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟରେ ୫ଟି ଓରାଙ୍ଗଉଟାନ ଶାବକ ବାହାର ରାଜ୍ୟର ଏକ ଫାର୍ମ ହାଉସକୁ ଯାଇଥାନ୍ତେ। ତେଣୁ ଏସ୍‌ଟିଏଫ୍‌ର ୪ ସ୍ପେଶାଲ ଟିମ୍ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଗୁଜରାଟ ଯାଇ ଖୋଳତାଡ଼ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଏହି ର୍‍ୟାକେଟ୍‌ର ପର୍ଦ୍ଦାଫାସ ହେବ ବୋଲି ତଦନ୍ତକାରୀ ଟିମ୍ ଆଶା ରଖିଛି।

## ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବରିଷ୍ଠ ନାଗରିକ ସଭା

# ବରିଷ୍ଠ ନାଗରିକମାନଙ୍କ ଯତ୍ନ ଓ ଶିଶୁମାନଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଗୁରୁଦିବସ ଓ ବରିଷ୍ଠନାଗରିକଙ୍କ ସମସ୍ୟା ଉପରେ ସଭା ସମିତିର ୟୁନିଟ-୧ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଦିବଂଗତ ଆରକ୍ଷୀ ମହାରୀକ୍ଷକ ସଫିକ୍ ଅହମ୍ମଦ, ଉପଆରକ୍ଷୀ ଅଧିକ୍ଷକ ବିମଳ କୁମାର ବାରିକ, ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ଓ ଅନ୍ୟମାନଙ୍କ ସ୍ମୃତିରେ ସେମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସଂପାଦକ ବିଜୟକୃଷ୍ଣ ମହାନ୍ତି ସଂଘର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସଭ୍ୟ ଓ ସଭ୍ୟାମାନଙ୍କର ଜନ୍ମଦିନ ଓ ବିବାହ ବାର୍ଷିକ ପରିପ୍ରେକ୍ଷୀରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ଶ୍ରୀ ତ୍ରିପାଠୀ, ସାଧାରଣ ସଂପାଦକ ଶ୍ରୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଉପସଭାପତି ଦେବେନ୍ଦ୍ରନାଥ ଶତପଥୀ ଓ ଅନ୍ୟମାନେ ସେମାନଙ୍କର ଅଧ୍ୟୟନ ଓ ଆରକ୍ଷୀ ପ୍ରଶିକ୍ଷଣ ବେଳର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ସ୍ମୃତିଚାରଣ କରି ଗଭୀର ସମ୍ମାନ ଜଣାଇବା ସହ ମହିଳାମାନେ ଶିଶୁମାନଙ୍କର ପ୍ରଥମ ଗୁରୁବୋଲି ମତବ୍ୟକ୍ତ କରି, ପିଲାମାନଙ୍କୁ ବରିଷ୍ଠନାଗରିକ ମାନଙ୍କର ଯତ୍ନ ସହ ସମାଜ ଗଠନରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଓ ସଭ୍ୟ ଯତିନ୍ଦ୍ର କୁମାର ପଣ୍ଡା ସମାଜରେ ନିଶା ନିବାରଣ ଓ ସାଇବର ଅପରାଧ ନିରାକରଣ ପାଇଁ ବରିଷ୍ଠ ନାଗରିକମାନେ ସମାଜରେ ସଚେତନତା ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ । ବରିଷ୍ଠ ସଭ୍ୟ ଅଶୋକ ଦେଓ, ଦେବୀଦତ୍ତ ବିଶ୍ୱରଞ୍ଜନ ମିଶ୍ର, ଶ୍ରୀମତି ସ୍ୱର୍ଣ୍ଣଲତା ପ୍ରଧାନ ଓ ଅନ୍ୟମାନେ ଭଜନ ଓ ସଂଗୀତ ପରିବେଶଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଉପସଭାପତି ସୁରେନ୍ଦ୍ର ସାହୁ, ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ, କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, କ୍ରୀଡା ସଂପାଦକ ସୁରେଶ କୁମାର ସାମଲ, ଯୁଗ୍ମ ସଂପାଦକ ଯୁଧିଷ୍ଠିର ମଲ୍ଲିକ, କଲ୍ୟାଣ ସଂପାଦକ ବିମଳ କୁମାର ମହାନ୍ତି, କାର୍ଯ୍ୟାଳୟ ସଂପାଦକ ହରିଶ୍ଚନ୍ଦ୍ର ସେଠ, ବରିଷ୍ଠ ସଭ୍ୟ ଗୁରୁଚରଣ ମହାନ୍ତି, ସୁକାନ୍ତ ଦାସ, ମନୋରମା ତ୍ରିପାଠୀ, ମନୋରମା ପଣ୍ଡା, ମାନସମାଳା ସାମଲ, ଜୟଶ୍ରୀ ମହାପାତ୍ର, କବିତା ମହାନ୍ତି ଆଦି ସାହାଜ୍ୟ ଓ ସହଯୋଗ କରିଥିଲେ ବୋଲି ସଂଗଠନ ସଂପାଦକ ନୀଳ ମୋହନ ତ୍ରିପାଠୀ ଜଣାଇଛନ୍ତି ।

## ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ମେମୁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ବ୍ରହ୍ମପୁର-ରମ୍ଭା ଡାଉନ୍ ଲାଇନ୍ ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ପୂର୍ବତଟ ରେଳପଥ ପକ୍ଷରୁ ନିର୍ଦ୍ଧାରିତ ତାରିଖଗୁଡ଼ିକରେ ଦୁଇଟି ମେମୁ ଟ୍ରେନ୍‌କୁ ଖଲ୍ଲିକୋଟ ରେଳ ଷ୍ଟେସନରେ ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ସେହି ଅନୁଯାୟୀ, ଟ୍ରେନ୍ ନମ୍ବର ୬୮୪୧୧ ଭୁବନେଶ୍ୱର-ବ୍ରହ୍ମପୁର ମେମୁ ଟ୍ରେନ୍‌ଟି ୧୫, ୧୬ ଏବଂ ୧୯ ସେପ୍ଟେମ୍ବର ୨୦୨୬ରେ ବ୍ରହ୍ମପୁର ପରିବର୍ତ୍ତେ ଖଲ୍ଲିକୋଟ ଠାରେ ସ୍ୱଳ୍ପ ସମାପ୍ତ ହେବ। ସେହିପରି, ଟ୍ରେନ୍ ନମ୍ବର ୬୮୪୧୨ ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଟ୍ରେନ୍‌ଟି ୧୫, ୧୬ ଏବଂ ୧୯ ସେପଟ୍ଟେମ୍ବର ୨୦୨୬ରେ ବ୍ରହ୍ମପୁର ପରିବର୍ତ୍ତେ ଖଲ୍ଲିକୋଟ ଠାରୁ ଯାତ୍ରା ଆରମ୍ଭ କରିବ । ଫଳସ୍ୱରୂପ, ଉପରୋକ୍ତ ସମୟ ଅବଧି ମଧ୍ୟରେ ଖଲ୍ଲିକୋଟ ଏବଂ ବ୍ରହ୍ମପୁର ମଧ୍ୟରେ ମଧ୍ୟରେ ଏହି ଟ୍ରେନ ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।







# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏଲଏସିରେ ଚୀନ୍ ...

ଟ୍ୟାଙ୍କ, ଆର୍ଟିଲେରୀ ଏବଂ ବାୟୁ ପ୍ରତିରକ୍ଷା ପରି ବିଭିନ୍ନ ଯୁଦ୍ଧ ଶାଖାକୁ ଗୋଟିଏ ଛାତ ତଳେ ସ୍ୱାଧୀନ ଭାବରେ ଏବଂ ସବୁଠାରୁ ପ୍ରଭାବଶାଳୀ ଭାବରେ ଲଢ଼ିବା ପାଇଁ ନିୟୋଜିତ କରାଯାଇଛି। ୨୦୨୫ ମସିହାରେ ଉତ୍ତର ସୀମାର ଅନ୍ୟ ପାର୍ଶ୍ୱରେ ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍‌ଏ) ର ନିୟୋଜନରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ରିପୋର୍ଟରେ କୁହାଯାଇଛି ଯେ ମାର୍ଚ୍ଚ ଏବଂ ଜୁଲାଇ ୨୦୨୫ ରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ପ୍ରଣାଳୀ ବୈଠକର ୩୩ ତମ ଏବଂ ୩୪ ତମ ରାଉଣ୍ଡ ସହିତ ନୂତନ ଆଲୋଚନା ହୋଇଥିଲା। ଏହାବ୍ୟତୀତ, ଚଳିତ ବର୍ଷ ଭାରତ-ଚୀନ ସୀମା ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ପ୍ରତିନିଧିମାନଙ୍କ ମଧ୍ୟରେ ପୁନଃ ଆଲୋଚନା ଆରମ୍ଭ ହୋଇଥିଲା, ଯାହାର ଦୁଇଟି ପର୍ଯ୍ୟାୟ ଡିସେମ୍ବର ୨୦୨୪ ଏବଂ ଅଗଷ୍ଟ ୨୦୨୫ରେ ଅନୁଷ୍ଠିତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ବର୍ଷ ଅଗଷ୍ଟରେ ତିୟାନଜିନରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପାଇଁ ଚୀନ୍ ଗସ୍ତ କରିଥିଲେ। ଏହାପୂର୍ବରୁ, ରାଷ୍ଟ୍ରପତି ଜିନପିଙ୍ଗ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଶନିବାର ଦିନ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ମୋଦୀ ଏବଂ ସିଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ସେମାନଙ୍କର ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା, ଆତଙ୍କବାଦ ଭଳି ଆହ୍ୱାନର ମୁକାବିଲା କରିବା ଏବଂ ବହୁପକ୍ଷୀୟ ମଞ୍ଚରେ ନିରପେକ୍ଷ ବାଣିଜ୍ୟ ସୁନିଶ୍ଚିତ କରିବା ସମେତ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏଲ୍‌ଏସି ପ୍ରସଙ୍ଗ ଉପରେ କୌଣସି ଆଲୋଚନା ହୋଇନଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ରିପୋର୍ଟରେ 'ଅପରେସନ ସିନ୍ଦୁର' ରେ ଭାରତୀୟ ବାୟୁସେନାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲା, ଯେଉଁଥିରେ ନୁର୍ ଖାନ୍ ଏବଂ ରହିମ୍ ୟାର୍ ଖାନ୍ ଏୟାର ବେସ୍ ରି ସାଇଟକୁ ଟାର୍ଗେଟ କରି ପାକିସ୍ତାନରେ ଆତଙ୍କବାଦୀ ଲଞ୍ଚ ପ୍ୟାଡ୍ ଉପରେ ସଠିକ୍ ଷ୍ଟ୍ରାଇକ୍ କରାଯାଇଥିଲା। ପ୍ରତିଶୋଧମୂଳକ ଡ୍ରୋନ୍ ଏବଂ ୟୁଏଭି ଆକ୍ରମଣ ସମୟରେ ଭାରତୀୟ ଆକାଶସୀମାକୁ ସୁରକ୍ଷା ଦେବାରେ ବାୟୁସେନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସ୍ୱଦେଶୀ ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ, ପେଚୋରା ଏବଂ ଓଏସଏ-ଏକେ ପ୍ଲାଟଫର୍ମକୁ ଏକ ସ୍ତରୀୟ ବାୟୁ ପ୍ରତିରକ୍ଷା ଗ୍ରୀଡରେ ପ୍ରଭାବଶାଳୀ ଭାବରେ ନିୟୋଜିତ କରାଯାଇଥିଲା। ସମନ୍ୱିତ ଏୟାର କମାଣ୍ଡ ଏବଂ କଣ୍ଟ୍ରୋଲ୍ ସିଷ୍ଟମ୍ ରିଅଲ୍ ଟାଇମ୍ ସମନ୍ୱୟକୁ ସକ୍ଷମ କରିଥିଲା, ଯାହା ସମଗ୍ର ସଂଘର୍ଷରେ ବାୟୁ ବିଦକୁ ନିଷ୍କ୍ରିୟ କରିବାରେ ଏବଂ ନେଟ-କୈନ୍ଦ୍ରିକ କାର୍ଯ୍ୟକଳାପ ବଜାୟ ରଖିବାରେ ସାହାଯ୍ୟ କରିଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ବାର୍ଷିକ ରିପୋର୍ଟରେ ସବୁଠାରୁ ଦୀର୍ଘ ସମୟ ଧରି ସ୍ଥଳଭାଗରୁ ଆକାଶକୁ ଉଡ଼ାଣ କରୁଥିବା ବିମାନ ଉପରେ ଆଲୋକପାତ କରିଛି। ଏକ ଏସ୍-୪୦୦ ୟୁନିଟ୍ ଦ୍ୱାରା କରାଯାଇଥିବା ଏକ ଅପରେସନରେ ୩୧୪ କିଲୋମିଟର ଦୂରତାରେ ଏକ ପାକିସ୍ତାନୀ ସ୍ୱତନ୍ତ୍ର ମିଶନ ବିମାନକୁ ଗୁଳି କରି ଖସାଇ ଦିଆଯାଇଥିଲା। ଲକ୍ଷ୍ୟକୁ ଦୂରରୁ ସଫଳତାର ସହ ଧ୍ୱଂସ କରାଯାଇଥିଲା। ଏହି ଅପରେସନରେ ବାୟୁସେନା ବାୟୁ ପ୍ରତିରକ୍ଷାର ନିୟମକୁ ପୁନର୍ବାର ଲେଖିଥିଲା ଏବଂ ଭାରତୀୟ ରାଡାରମାନେ ବିପଦକୁ ସଠିକ୍ ଢଙ୍ଗରେ, ନୀରବରେ ଏବଂ କୌଣସି ତ୍ରୁଟି ବିନା ଟ୍ରାକ୍ କରିଥିଲେ। ଭୂପୃଷ୍ଠରୁ ଆକାଶକୁ ଦୂରଗାମୀ କ୍ଷେପଣାସ୍ତ୍ରକୁ ଏହାର ଦୂରଗାମୀ ଦିଗକୁ ନିର୍ଦ୍ଦେଶିତ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଅପରେସନ ଶତ୍ରୁମାନଙ୍କୁ ପ୍ରମାଣିତ କଲା ଯେ ସ୍ଥଳ କିମ୍ବା ଆକାଶରେ କୌଣସି ସ୍ଥିତି ବାୟୁସେନା ଆକ୍ରମଣର ପରିସର ବାହାରେ ନାହିଁ। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ରିପୋର୍ଟରେ କୁହାଯାଇଛି ଯେ ସେନାର ନିରନ୍ତର ପ୍ରୟାସ ଯୋଗୁଁ ଜମ୍ମୁ-କଶ୍ମୀରରେ ସୁରକ୍ଷା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଜନସାଧାରଣ ବିକାଶର ପଥ ବାଛିଛନ୍ତି ଏବଂ ସମସ୍ତ ସରକାରୀ ତଥା ଭାରତୀୟ ସେନାର କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। ଏହାଦ୍ୱାରା ହିଂସା ହ୍ରାସ ପାଇଛି, ବିକ୍ଷୋଭ ହ୍ରାସ ପାଇଛି ଏବଂ ପଥର ଫିଙ୍ଗିବାର କୌଣସି ଘଟଣା ଘଟିନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଅପରେସନ ସିନ୍ଦୁର ସମୟରେ ଜମ୍ମୁ କଶ୍ମୀର ଏବଂ ନିୟନ୍ତ୍ରଣ ରେଖା (ଏଲଓସି) ରେ ପରିସ୍ଥିତି ଉଲ୍ଲେଖନୀୟ ଭାବରେ ବଦଳିଥିଲା। ୨୦୨୫ ମସିହା ମେ ୧୦ ଏବଂ ୧୨ ତାରିଖରେ ସାମରିକ ଅପରେସନର ମହାନିର୍ଦ୍ଦେଶକ (ଡିଜିଏମଓ) ସ୍ତରୀୟ ଆଲୋଚନା ପରଠାରୁ ପରିସ୍ଥିତି ବହୁ ପରିମାଣରେ ସ୍ଥିର ହୋଇଛି, କିନ୍ତୁ ଅନିଶ୍ଚିତତା ଜାରି ରହିଛି ବୋଲି ରିପୋର୍ଟରେ କୁହାଯାଇଛି।

## ରାଜଭାଷା ସମ୍ମିଳନୀ...

ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ମାତୃଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ଶାହ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଥିଲେ ଓ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଅନ୍ୟ ଏକ ଭାରତୀୟ ଭାଷା ଶିଖିବା ମଧ୍ୟ ବାଧ୍ୟତାମୂଳକ। ନିଜ ମାତୃଭାଷା ବ୍ୟତୀତ ଆଉ ଏକ ଭାଷା ଶିଖିବାକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଜାଣିନାହାନ୍ତି ସେମାନେ କ'ଣ ପାପ କରୁଛନ୍ତି। ହିନ୍ଦୀକୁ ପ୍ରତିଦ୍ୱନ୍ଦ୍ୱୀ ଭାଷା ଭାବେ ନ ଦେଖିବାକୁ ଶାହ କହିଛନ୍ତି। ଏହି ଅବସରରେ ଶାହ କହିଥଲେ, 'ବନ୍ଦେ ମାତରମ୍'କୁ ଏହାର ପୂର୍ଣ୍ଣ ଗୌରବ ଫେରାଇବାକୁ ୮୦ ବର୍ଷ ସମୟ ଲାଗିଥିଲା।

## ମଣିପୁରରେ ପୁଣି ...

ରାସ୍ତାରେ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ଖବର ପାଇବା ପରେ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ । ଅନ୍ୟ ଏକ ଘଟଣାରେ, ଲୋଙ୍ଗପି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଅତର୍କିତ ଗୁଳିଚାଳନା କରିଥିଲେ, ଯେଉଁଥିରେ ଦୁଇଜଣଙ୍କର ଜୀବନ ଯାଇଛି। ଏହି ସମସ୍ତ ମୃତକ କୁକୀ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଏହି ଆକ୍ରମଣ ପଛରେ ଏନଏସସିଏନ୍ ଏବଂ ଜେଡ଼ିୟୁଏଫ୍ ପରି ନାଗା ବିଦ୍ରୋହୀ ଗୋଷ୍ଠୀର ହାତ ଥିବା ସନ୍ଦେହ କରାଯାଉଛି । ଘଟଣାକୁ ନିନ୍ଦା କରିଛନ୍ତି ମଣିପୁର ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚନ୍ଦ ସିଂହ । ରାଜ୍ୟରେ ଶାନ୍ତି ବଜାୟ ରଖିବାକୁ ସେ ଅପିଲ କରିଛନ୍ତି ।

## ବର୍ଷକୁ ଆଦାୟ...

ବଦଳାଇପାରିବେ। ପ୍ରତ୍ୟକ୍ଷ ସଡ଼କ ଭିତ୍ତିଭୂମି, ଡିଜିଟାଲ ପେମେଣ୍ଟ ଓ ଡାଟାକୁ ଏକତ୍ରୀତ କରି ପରିବହନ ନେଟୱାର୍କକୁ ଅଧିକ ପାରଦର୍ଶୀ ଓ ସ୍ୱଚ୍ଛ କରାଯାଇପାରିବ। ଟୋଲ୍ ପ୍ଲାଜାରେ ଗାଡ଼ି ଅଟକିବା ସମୟ ଆହୁରି କମିଲେ ତେଲରେ ୫୨୫୦ କୋଟି ଟଙ୍କା ସଞ୍ଚୟ ହେବ। ଟୋଲ ସଂଗ୍ରହରେ ପ୍ରଯୁକ୍ତି ବ୍ୟବହାର କରାଯିବା ପରଠାରୁ ତାହାର ଅନେକ ଅର୍ଥନୈତିକ ଓ ପରିବେଶଗତ ଲାଭ ମିଳିଛି। ପୂର୍ବରୁ ଗାଡ଼ିଗୁଡ଼ିକୁ ଟୋଲ ପ୍ଲାଜାରେ ହାରାହାରି ୧୨ ମିନିଟ୍ ଅଟକିବାକୁ ପଡୁଥିଲା। ଏବେ ତାହା ଅଳ୍ପ କିଛି ସେକେଣ୍ଡକୁ ହ୍ରାସ ପାଇଛି। ଟୋଲ୍ ପ୍ଲାଜା ପରିଚାଳନା ଖର୍ଚ୍ଚ ୨-୩ ପ୍ରତିଶତକୁ ଖସିଆସିଛି ଯାହା ପୂର୍ବରୁ ୧୨ ପ୍ରତିଶତ ରହୁଥିଲା।

## କଟକରେ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ କରି ୩ ଗିରଫ

**କଟକ, ନ୍ୟୁଜ ବ୍ୟୁରୋ**

ପୂଜା ପୂର୍ବରୁ ଜୋର୍ ଜବରଦସ୍ତି ଚାନ୍ଦା ଆଦାୟ ଉପରେ କଟକ କମିସନରେଟ୍ ପୁଲିସର କଡ଼ା ଆକ୍ସନ୍ । ବଳପୂର୍ବକ ଚାନ୍ଦା ଆଦାୟ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ପୁଲିସ । ମର୍କତନଗର ଥାନା ୨ ଜଣଙ୍କୁ ଏବଂ ଜଗତପୁର ଥାନା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆଗକୁ ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଥିବାରୁ ଚାନ୍ଦା ଆଦାୟ ନାଁରେ ଦାଦାବଟିକୁ ନେଇ ପୁଲିସ ଆକ୍ସନ୍ ଆହୁରି କଡ଼ା ହେବ। ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ କଟକ କମିସନରେଟ୍ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ।






ଭୁବନେଶ୍ୱର, ୧୫ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27









# ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହେଲାଣି ସିଲ୍‌ଭର ସିଟି

**କଟକ, ୧୪/୦୯ ନ୍ୟୁଜ ବ୍ୟୁରୋ**

ଦୁର୍ଗାପୂଜା ଆସିଲେ କଟକର ଚାନ୍ଦି ମେଢର ଚମକ ଦେଖିବାକୁ ଦେଶବିଦେଶରୁ ଛୁଟି ଆସନ୍ତି ଦର୍ଶକ। ଆଉ ଏଥିପାଇଁ ଏ ହେଉଛି ତା'ର ପୂର୍ବ ପ୍ରସ୍ତୁତି। ମା'ଙ୍କ ମୁକୁଟଠାରୁ ସିଂହାସନ, ପଦ୍ମଫୁଲ ହାର, କିରିଟି, ବାହୁଟି, ମେଢରେ ଥିବା ହାତୀ, ମୟୂର ସବୁଥିରେ ଏବେ ଚାଲିଛି ସଫେଇ କାମ। ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିରେ ମଧ୍ୟ ଆରମ୍ଭ ହୋଇଗଲାଣି ଚାନ୍ଦି ସଫେଇ। ପୂଜା ଯେତିକି ପାଖେଇ ଆସୁଛି, କାରିଗରଙ୍କ ବ୍ୟସ୍ତତା ସେତିକି ବଢୁଛି। ମାନସିଂହପାଟଣା ଅଞ୍ଚଳର କାରିଗରମାନେ ମୁଖ୍ୟତଃ ଏହି ସଫେଇ କାମ କରିଥାନ୍ତି। ପ୍ରାୟ ୩ କୁଇଣ୍ଟାଲ ଓଜନର ଚାନ୍ଦି ଅଳଙ୍କାର ସଫା କରିବାକୁ ୪ରୁ ଅଧିକ କାରିଗରଙ୍କୁ ପ୍ରାୟ ୧୦ ଦିନ ସମୟ ଲାଗେ। ଭସାଣି ଓ ପୂଜା ସମୟରେ ଚାନ୍ଦି ମେଢ ଉପରେ ଧୂଳି ଓ ମଇଳାର ଏକ ଆବରଣ ପଡ଼ିଯାଏ। ତେଣୁ ପ୍ରତିବର୍ଷ ମେଢର ଚାନ୍ଦି ଅଳଙ୍କାରକୁ ସଫା କରାଯାଇଥାଏ। ଇଠାଫଳ ଓ ତେଜାବରେ ସଫା କରିବା ସହ ଭାଙ୍ଗିଥିବା ଅଳଙ୍କାରକୁ ଝଳେଇ କରାଯାଉଛି। କେବଳ ଚାନ୍ଦି ମେଢ ନୁହେଁ, କଟକରେ ଦୁର୍ଗାପୂଜା ପାଇଁ ଆରମ୍ଭ ହୋଇଗଲାଣି ପ୍ରଶାସନିକ ପ୍ରସ୍ତୁତି ମଧ୍ୟ। ସହରର ୧୭୨ଟି ପୂଜାମଣ୍ଡପରେ ହେବ ମା'ଙ୍କ ଆରାଧନା। ମଣ୍ଡପ ସାଜସଜ୍ଜାଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଅଗ୍ନି ନିରାପତ୍ତା, ବିଦ୍ୟୁତ ସଂଯୋଗ ଏବଂ ଭସାଣି ଶୋଭାଯାତ୍ରା ସବୁଥିପାଇଁ ଅନୁମତିର ଆବଶ୍ୟକତା ରହିଛି । ଗତବର୍ଷ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବିଭିନ୍ନ ଅନୁମତି ପାଇଁ ପୂଜା କମିଟିଗୁଡ଼ିକୁ ହଇରାଣ ହେବାକୁ ପଡ଼ିଥିବା ଅଭିଯୋଗ ହୋଇଥିଲା। ଏଥର ଏହି ଝାମେଲାକୁ କମାଇବାକୁ ଅନଲାଇନ୍ ଆବେଦନ ବ୍ୟବସ୍ଥା କରିବାକୁ ଯୋଜନା କରୁଛି ଜିଲ୍ଲା ପ୍ରଶାସନ। ଫଳରେ ପୂଜା କମିଟିଗୁଡ଼ିକ ଘରେ ବସି ଅନଲାଇନରେ ଆବେଦନ କରି ଅନୁମତି ପାଇପାରିବେ। ପୂଜା ପ୍ରସ୍ତୁତି ସହ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଉଛି ପ୍ରଶାସନ। ପୂଜା ମଣ୍ଡପରେ ଅଗ୍ନି ନିରାପତ୍ତା, ବିଦ୍ୟୁତ ସୁରକ୍ଷା ଏବଂ ଭସାଣି ଶୋଭାଯାତ୍ରା ସମୟରେ ନିର୍ଦ୍ଧାରିତ ନିୟମ କଡ଼ାକଡ଼ି ପାଳନ ପାଇଁ ପୂଜା କମିଟିଗୁଡ଼ିକୁ ଆହ୍ୱାନ ଦିଆଯାଇଛି। ଚାନ୍ଦି ମେଢରେ ଫେରୁଛି ଚମକ। ମଣ୍ଡପରେ ଚାଲିଛି ସାଜସଜ୍ଜା। ଆଉ ପ୍ରଶାସନ ପକ୍ଷରୁ ଚାଲିଛି ସୁରକ୍ଷା ଓ ଅନୁମତି ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାର ପ୍ରସ୍ତୁତି। ଶାରଦୀୟ ଦୁର୍ଗାପୂଜା ପାଇଁ ଏବେଠୁ ଉତ୍ସବମୁଖର ହେବାକୁ ଆରମ୍ଭ କଲାଣି ସିଲଭର ସିଟି।








## ନିୟନ୍ତ୍ରିତ ବଜାର କମିଟୀ: ବରଗଡ଼

**ବାର୍ତ୍ତା**

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ମହାନ ଗଣପର୍ବ "ନୂଆଁଖାଇ" ଅବସରରେ ଅଞ୍ଚଳର ସମସ୍ତ ଚାଷୀ ଭାଇ-ଭଉଣୀ ମାନଙ୍କ ସୁଖ, ଶାନ୍ତି, ମୈତ୍ରୀ ଓ ସମୃଦ୍ଧି କାମନା କରିବା ସହ ଆଗାମୀ ଖରିଫ ଋତୁରେ ଚାଷୀ ଭାଇ-ଭଉଣୀ ମାନେ ନିଜର କଷ୍ଟରେ ଉପାର୍ଜିତ ବିକ୍ରିଯୋଗ୍ୟ ବଜାର ବଳକା ଧାନକୁ ବଜାର ପ୍ରାଙ୍ଗଣ / ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (MSP) ଓ ଇନପୁଟ୍ ସହାୟତା ପାଇ ଲାଭବାନ ହେବାକୁ ନିବେଦନ କରୁଅଛୁ ।



**ବିଜୟ ରାଉତ**
ଭାରପ୍ରାପ୍ତ ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟୀ,
ବରଗଡ଼



**ପ୍ରସନ୍ନ କୁମାର ପାଣ୍ଡେ, ଓ.ପ୍ର.ସେ, (SB)**
ଉପ-ଜିଲ୍ଲାପାଳ, ବରଗଡ଼-ତଥା- ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟୀ,
ବରଗଡ଼











